**୧୩୬ ଜଣଙ୍କ ଚକ୍ଷୁ ପରୀକ୍ଷା, ଔଷଧ ପ୍ରଦାନ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରୁ ଅନ୍ଧତ୍ୱ ଦୂର କରିବା ପାଇଁ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ଏନେଇ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୋମୁଣ୍ଡିଆ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ୧୩୬ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏମ୍‌କେସିଜି ମେଡିକାଲ କଲେଜର ଚକ୍ଷୁ ବିଶେଷଜ୍ଞ ଡା. ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୧୫ଜଣଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସଂଗଠନର ଭରତ ବେହେରା, ବିଷ୍ଣୁ ପ୍ରସାଦ ବେହେରା, ଅମିତା ତରେଇ, ରାଜକିଶୋର ନାୟକ, କାଳୁଚରଣ ପଲେଇ, ଭଗବାନ୍ ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସବ୍ୟସାଚୀଙ୍କ ନୃତ୍ୟରେ ମଜ୍ଜିଲେ ଛାତ୍ରୀଛାତ୍ର

ଟାଙ୍ଗୀ(ଖୋର୍ଦ୍ଧା),୧।୨(ଡି.ଏନ୍.ଏ.): ଚାନ୍ଦପୁରସ୍ଥିତ ମହର୍ଷି ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟ କୃତୀ ଶିକ୍ଷକ ତଥା ରାଜ୍ୟ ସ୍କାଉଟ ଗାଇଡର ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଚଳଚ୍ଚିତ୍ର ହାସ୍ୟ ଅଭିନେତା ଜୀବନ ପଣ୍ଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଖାଉଟି ସୁରକ୍ଷା ମଞ୍ଚର ସଭାପତି ନାରାୟଣ ମହାପାତ୍ର ମୁଖ୍ୟବକ୍ତା, ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା ଏବଂ ଅଭିନେତା ସବ୍ୟସାଚୀ ମିଶ୍ର ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଶିକ୍ଷୟିତ୍ରୀ ଦୀପାଞ୍ଜଳି ପ୍ରଧାନ ପରିଚୟ ପ୍ରଦାନ, ଟ୍ରଷ୍ଟି ମ୍ୟାନେଜର ପ୍ରଭାସିନୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚେୟାରମ୍ୟାନ ଏବଂ ଅତିଥିବୃନ୍ଦ କୃତୀ ଛାତ୍ର ଆୟୁଷ ଅଂଶୁମାନ୍ ଦାଶ, ଆଶୁତୋଷ ପ୍ରଧାନ ଓ ଉପରାଷ୍ଟ୍ରପତି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ଡ. ଭବାନୀ ଶଙ୍କର ନାୟକଙ୍କୁ ସମ୍ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସବ୍ୟସାଚୀଙ୍କ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ପରିଚାଳନା କମିଟି ସଭାପତି ଜଳଧର ମହାରଣା ଏବଂ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଭାଇସ୍ ପ୍ରିନ୍ସପାଲ ତଥା ପ୍ରଶାସକ କିଶୋର ସାହୁ, ସଙ୍ଗୀତ ଶିକ୍ଷକ ପବିତ୍ର ଗୁରୁ, ସଞ୍ଜୟ ସାହୁ, ସୌମ୍ୟରଞ୍ଜନ ସ୍ୱାଇଁ ଓ ଦୀପକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପାଞ୍ଜଳି ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ସଚେତନତା ରଥର ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ,୧।୨:** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବୁଧବାର ୨ଟି ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ବୁଲି ଲୋକଙ୍କୁ ଜଳର ସୁପରିଚାଳନା ଏବଂ ଉପଯୋଗିତା ସମ୍ପର୍କରେ ସଚେତନ କରିବ। ଜିଲାରେ ମୋଟ ୫୫୦ଟି ପାଣି ପଞ୍ଚାୟତ ଗଠନ କରାଯାଇଛି। ଖୋର୍ଦ୍ଧା ଡିଭିଜନରେ ୨୨, ପ୍ରାଚୀ ଡିଭିଜନରେ ୧୫, କ୍ଷୁଦ୍ର ଜଳସେଚନ ଡିଭିଜନରେ ୧୧୪ ଏବଂ ଓଏଲଆଇସି ଭୁବନେଶ୍ୱରରେ ୩୯୯ଟି ରହିଛି।

### ଅଷ୍ଟପ୍ରହର ନାମଯଜ୍ଞ

ଖୋର୍ଦ୍ଧା ଅଫିସ,୧।୨: ଜେମାଦେଈ ଗ୍ରାମରେ ତିନି ଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈଷ୍ଣବ ଗିରିଧାରୀ ଦାସ ଓ ବେଣୁଧର ସାହୁ ଶୁଭ ଅଧିବାସ, କଳସ ଯାତ୍ରା ଓ ଘଟସ୍ଥାପନ କରି ଆବାହନ କରିଥିଲେ। ଜେମାଦେଈ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, କୁମାରବସ୍ତ, କୁରାଡ଼ିଲୋ, ଅଠାରଙ୍ଗ, ବଡ଼ମ୍ବା, ଗୋପମଥୁରା ନାମ ସଂକୀର୍ତ୍ତନ କରିଥିଲେ। ତୃତୀୟ ଦିବସରେ ଦଧିହାଣ୍ଡି ଭଙ୍ଗା, ଯମୁନା ସ୍ନାନ ହୋଇଥିଲା। ଜେମାଦେଈ ରାମଲୀଳା କମିଟି ସଭାପତି ମହାରଥି ନାୟକ, ପୌରଯନ୍ତ୍ରୀ ନିହାର ରଞ୍ଜନ ସାହୁ, ପୁଣ୍ୟତୋୟା ବଡୁ, କାଉନସିଲର ଦିଲୀପ ପରିଡ଼ା, ଅପନା ପ୍ରଧାନ, ଧ୍ରୁବଚରଣ ସେନାପତି ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଫାଇଲ ଭିତରେ ଚପିଯାଇଛି ମୌଳିକ ଦାବି

ବେଗୁନିଆ,୧।୨(ଡି.ଏନ୍.ଏ.)

ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ମହତ୍ ଉଦ୍ଦେଶ୍ୟଟି ସାଧିତ ହୋଇପାରୁ ନାହିଁ। ଲୋକଙ୍କ ମୌଳିକ ଆବଶ୍ୟକତାକୁ ଏଠି ଅଣଦେଖା କରାଯାଉଛି। ଖୋର୍ଦ୍ଧା ଜିଲା ବେଗୁନିଆବାସୀଙ୍କ ପକ୍ଷରୁ ବିଗତ ୩୦ବର୍ଷର ଦାବିକୁ କ୍ରମାଗତ ଭାବେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ୧୯୮୩ ମସିହାରୁ ବେଗୁନିଆ ସଦରବାସୀଙ୍କ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ(ଏନ୍ଏସି) ଘୋଷଣା, ଜେଏମ୍ଏଫ୍‌ସି କୋର୍ଟ, ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ଆଦି ଆବଶ୍ୟକତା ରହିଛି ବୋଲି ଦାବି ହୋଇଆସୁଛି। ସେହିପରି ବେଗୁନିଆକୁ ମୋ ବସ୍ ଚଳାଚଳର ଯଥେଷ୍ଟ ଆବଶ୍ୟକତା ରହିଛି। ତେବେ ସମସ୍ତ ଆବଶ୍ୟକତାକୁ ହୃଦୟଙ୍ଗମ କରି ଏହି ବିଧାନସଭା ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବିଧାୟକ ଜାନକୀବଲ୍ଲଭ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ପ୍ରଶାନ୍ତ ଜଗଦେବଙ୍କ ସହିତ ବର୍ତ୍ତମାନର ବିଧାୟକ ରାଜେନ୍ଦ୍ର କୁମାର ସାହୁ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ଏହା ଶୀଘ୍ର ପୂରଣ ହେବ ବୋଲି ବିଭାଗୀୟ ମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। କିନ୍ତୁ ତାହା ପୂରଣ ହେବା ପରିବର୍ତ୍ତେ ବେଗୁନିଆ ସଦର ମହକୁମାଠାରୁ ୪୦ କି.ମି. ଦୂର ବିଧାନସୌଧ ବିଭାଗୀୟ ମନ୍ତ୍ରୀଙ୍କ ଫାଇଲ ଭିତରେ ଅଟକି ରହିଛି, ଯାହାକୁ ନେଇ ସାଧାରଣରେ ଜନଅସନ୍ତୋଷ ଦେଖାଦେଇଛି। କେଉଁ କାରଣରୁ ଏତେଦିନ ଧରି ବେଗୁନିଆବାସୀଙ୍କୁ ସ୍ୱପ୍ନ ଦେଖାଇ ପ୍ରତାରଣା କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯାହାକି ଆଗକୁ ଆସୁଥିବା ବିଧାନସଭା ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି ବେଗୁନିଆର ବୁଦ୍ଧିଜୀବୀ, ଆଇନଜୀବୀ, ବିକାଶ ମଞ୍ଚ, ଜନ କଲ୍ୟାଣ ପ୍ରତିଷ୍ଠାନ, ଛାତ୍ର ସଂଗଠନ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ସୂଚନାଯୋଗ୍ୟ, ବେଗୁନିଆ ସଦର ମହକୁମାରେ ବ୍ଲକ, ତହସିଲ, ଥାନା, ସବ୍‌ରେଜିଷ୍ଟ୍ରି, ଦମକଳ କେନ୍ଦ୍ର, ରେଲୱେ ଷ୍ଟେଶନ ସହ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ଦୈନିକ ବେଗୁନିଆ ବ୍ଲକର ୨୧ ଏବଂ ବୋଲଗଡ଼ ବ୍ଲକର ୭ ପଞ୍ଚାୟତର ଲୋକମାନେ ନିର୍ଭର କରୁଛନ୍ତି। ଏଣୁ ତୁରନ୍ତ ଲୋକଙ୍କ ମୌଳିକ ଦାବିଗୁଡ଼ିକୁ ପୂରଣ କରାଯାଉ ବୋଲି ଦାବି ହେଉଛି।



କୋର୍ଟ ଖୋଲିବା ପାଇଁ ନୂତନ କୋଠା ନିର୍ମାଣ ସରିଛି।

**ବେଗୁନିଆକୁ ଅବହେଳା**
- ୧୯୮୩ରୁ ଦାବି ହୋଇଆସୁଛି
- ଆନ୍ଦୋଳନ ପାଇଁ ସଜବାଜ

**ଏମାନେ ଯାହା କୁହନ୍ତି...**

“ଜେଏମ୍ଏଫ୍‌ସି କୋର୍ଟ ଖୋଲିବାକୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ କୋର୍ଟ କାର୍ଯ୍ୟାଳୟ କୋଠା ଘର ନିର୍ମାଣ ସରିଛି। କିନ୍ତୁ ତାହା ଏଯାବତ୍ ଲୋକଙ୍କ ସେବାରେ ଆସିପାରୁ ନାହିଁ। ସେହିପରି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ୨୦୧୨ରୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ଫାଇଲ ଭିତରେ ଚାପି ହୋଇ ରହିଛି। ୨୦୧୫ ମେ ୧୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ସଦସ୍ୟମାନେ ଆସି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହାକୁ ବର୍ଷକ ମଧରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତାହା ମଧ ଏଯାଏ କାର୍ଯ୍ୟକାରୀ ହୋଇନାହିଁ।
**- ସୁଶାନ୍ତ କୁମାର ରାୟ, ବରିଷ୍ଠ ଆଇନଜୀବୀ**

“ଅଞ୍ଚଳର ମୁଖ୍ୟ ଦାବି ପୂରଣ କରିବାକୁ ଦୀର୍ଘ ୩୦ ବର୍ଷ ହେଲା ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ୨୦୧୮ ମେ ୨୧ରେ ଗଣଆନ୍ଦୋଳନ କରାଯିବା ସହ ଜାତୀୟ ରାଜପଥକୁ ୧୨ଘଣ୍ଟା ପାଇଁ ଅବରୋଧ କରାଯାଇଥିଲା। ଆନ୍ଦୋଳନ ବଦଳରେ ଆଲୋଚନା କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ। ବିଧାନସଭାରେ ଦାବି ଉପସ୍ଥାପନ କରାଯିବା ସହ ଶୀଘ୍ର ପୂରଣ ହେବ ବୋଲି ସ୍ୱପ୍ନ ଦେଖାଇଥିଲେ। ମାତ୍ର ୪ବର୍ଷ ବିତିଯାଇଥିଲେ ମଧ ତାହା ପାଳନ କଲେ ନାହିଁ। ବେଗୁନିଆବାସୀଙ୍କୁ କ’ଣ ପାଇଁ ସ୍ୱପ୍ନ ଦେଖାଇ ପ୍ରତାରଣା କରାଯାଉଛି।
**- ଶିବ ମୁନି, ବିକାଶ ମଞ୍ଚର ଆବାହକ**

“୩୦ ବର୍ଷ ହେଲା ବେଗୁନିଆବାସୀଙ୍କୁ ସରକାର ଭୁଆଁ ବୁଲାଉଥିବା ଅନୁଭବ କରୁଛୁ। ସମସ୍ତ ଦାବିପତ୍ର ୪୦ କି.ମି. ଦୂର ବିଧାନସଭା ବିଭାଗୀୟ ମନ୍ତ୍ରୀଙ୍କ ଫାଇଲ ଭିତରେ ଚାପି ହୋଇ ରହିଛି। ସବୁ ସମସ୍ୟାର ସମାଧାନ ହେବ ବୋଲି ବିଭିନ୍ନ ସଭାସମିତିରେ ମନ୍ତ୍ରୀ, ଜନପ୍ରତିନିଧି ଓ ନେତୃବୃନ୍ଦ ଉଦ୍‌ବୋଧନ ଦେଉଛନ୍ତି। ମାତ୍ର ତାହା କାର୍ଯ୍ୟକାରୀ ନ ହେବାରୁ ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେବୁ।
**- ଅକ୍ଷୟ କୁମାର ରଥ, ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି**

“ବେଗୁନିଆକୁ ଏନ୍ଏସି ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ନିଜେ ନିବେଦନ କରିଛି। ସେହିପରି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଛି। ଅନ୍ୟପଟେ ଜେଏମ୍ଏଫ୍‌ସି କୋର୍ଟ ପାଇଁ କୋଠା ନିର୍ମାଣ ସରିଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ।
**- ରାଜେନ୍ଦ୍ର କୁମାର ସାହୁ, ବିଧାୟକ**

## କଣ୍ଟେନରକୁ ଧକ୍କାଦେଇ ବାଇକ୍ ଆରୋହୀ ମୃତ

ଗମ୍ଭାରୀମୁଣ୍ଡା/ଟାଙ୍ଗୀ(ଖୋର୍ଦ୍ଧା)/ବାଲୁଗାଁ,୧।୨(ଡି.ଏନ.ଏ)

ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ହରିକୁଣ୍ଡ ବରଡ଼ିହ ଛକ ଓଭରବ୍ରିଜଠାରେ ବୁଧବାର ମଧ୍ୟାହ୍ନରେ ରାସ୍ତାପାର୍ଶ୍ୱରେ ଥିବା ଏକ କଣ୍ଟେନରକୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡା ଥାନା ଅନ୍ତର୍ଗତ ମୁଣ୍ଡୋଳା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା (୨୩)। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ କୃଷ୍ଣଚନ୍ଦ୍ର କୌଣସି ଏକ କାର୍ଯ୍ୟ ପାଇଁ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ତେବେ ହରିକୁଣ୍ଡ ବରଡ଼ି ଛକଠାରେ କୃଷ୍ଣ ଅସାବଧାନତାବଶତଃ ପୂର୍ବରୁ ଠିଆ ହୋଇଥିବା ଏକ ମାଛ ବୋଝେଇ କଣ୍ଟେନର ପଛପାର୍ଶ୍ୱକୁ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଡାକ୍ତରଖାନା ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ନାଚୁଣୀ ଥାନା ଏସ୍ଆଇ କେଶବ ଚନ୍ଦ୍ର ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଣପୁର ପଠାଇଛନ୍ତି।

# ମାମୁଁଭଣଜା ପାହାଡ଼ ଜବରଦଖଲ ନେଇ ଉତ୍ତେଜନା

ବାଲୁଗାଁ,୧।୨(ଡି.ଏନ.ଏ)

ବାଲୁଗାଁ ଏନ୍ଏସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡ଼ ସରଳାପଦର ଗ୍ରାମ ମୌଜାରେ ଥିବା ଐତିହାସିକ ମାମୁଭଣଜା ପାହାଡ଼ର ପାଦଦେଶ ତଥା ୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୫୦୫ ଡିସିମିଲି ସରକାରୀ ଜାଗାକୁ ଜଣେ ବ୍ୟକ୍ତି ଚକ୍ରାନ୍ତ କରି ନିଜ ନାମରେ କରିଛନ୍ତି। ଏପରିକି ବୁଧବାର ଉକ୍ତ ପ୍ଲଟ୍‌ରେ ମାପଚୁପ କରୁଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଖବର ଅନୁଯାୟୀ, ସରଳାପଦର ମୌଜା ଅଧୀନ ଉକ୍ତ ମାମୁଭଣଜା ପାହାଡ଼ କେଉଁ ଅନାଦିକାଳରୁ ରହି ଆସିଥିବା ବେଳେ ପାହାଡ଼ ଶୀର୍ଷରେ ଥିବା ସୀତାମାଆ ଠାକୁରାଣୀ, ମାଆ ବନଦୁର୍ଗା ଏବଂ ମହାବୀର ମନ୍ଦିର ଦର୍ଶନ ନିମନ୍ତେ ବର୍ଷତମାମ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଉକ୍ତ ପାହାଡ଼ର ପାଦଦେଶରେ ଥିବା ଜାଗାକୁ ପୂର୍ବରୁ ଲୋକେ ଶ୍ମଶାନ ରୂପେ ବ୍ୟବହାର କରି ଆସୁଥିବା ବେଳେ କାଳକ୍ରମେ ଉକ୍ତ ଜାଗା ସଂଲଗ୍ନ ସ୍ଥାନରେ ଜନବସତି ଗଢ଼ି ଉଠିଥିଲା। ଫଳରେ ଶ୍ମଶାନଟି ପାହାଡ଼ର ପଶ୍ଚିମ ଦିଗକୁ ସ୍ଥାନାନ୍ତର କରାଯାଇଥିଲା। ଏହା ବ୍ୟତୀତ ୨୦୧୩-୧୪ ମସିହାରେ ବାଲୁଗାଁ ଏନ୍ଏସି ପକ୍ଷରୁ ମଧ ଉକ୍ତ ଜାଗାକୁ ପୁନରୁଦ୍ଧାର କରାଯାଇ ଶ୍ମଶାନ ଏବଂ ନବନିର୍ମିତ ସାଇ ମନ୍ଦିରକୁ ୧୦ଲକ୍ଷ ଟଙ୍କା ବ୍ୟୟରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା। ଏପରିସ୍ଥଳେ ନିକଟସ୍ଥ ସିଙ୍ଗେଶ୍ୱର ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜାଗା ତଥା ଖାତା ନଂ ୨୩୭, ପ୍ଲଟ୍ ନଂ-୪୮୨ କିସମ ପାହାଡ଼ ଓ ପ୍ଲଟ୍ ନଂ-୪୮୩ରୁ ମୋଟ୍ ୫୦୫ ଡିସିମିଲି ଜାଗାକୁ କିଛି ବର୍ଷ ପୂର୍ବେ ଚକ୍ରାନ୍ତ କରି ନିଜ ନାମରେ ପଟ୍ଟା କରିନେଇଛନ୍ତି। ତେବେ ଉକ୍ତ ପ୍ଲଟର କିସମ ପାହାଡ଼ ଥିବା ବେଳେ କିପରି ତାଙ୍କ ନାମରେ ପଟ୍ଟା କରାଗଲା, ସେଥିନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ବାଲୁଗାଁ ଏନ୍ଏସି ପକ୍ଷରୁ ଉକ୍ତ ପ୍ଲଟ୍ ସ୍ଥାନରେ ଏକ ମିନି ପାର୍କ ଏବଂ ଜିମ୍ ସେଣ୍ଟର ନିର୍ମାଣ ନିମନ୍ତେ କାର୍ଯ୍ୟ ଚାଲୁ ରହିଥିବା ବେଳେ ଚକ୍ରାନ୍ତ କରି ପଟ୍ଟା ହାତେଇଥିବା ବ୍ୟକ୍ତି ଡିମାର୍କେସନ୍ ପାଇଁ ଆବେଦନ କରିଥିଲେ। ବୁଧବାର ବାଲୁଗାଁ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ଉକ୍ତ ପ୍ଲଟ୍‌କୁ ମାପ ଚିହ୍ନଟ ପାଇଁ ଯାଇଥିବା ବେଳେ ପ୍ରତିପକ୍ଷ ବାଲୁଗାଁ ଏନ୍ଏସି କର୍ମଚାରୀ ଏବଂ ସରଳାପଦର ମୌଜା ଗ୍ରାମବାସୀ ସେଠାରେ ଉପସ୍ଥିତ ଥିଲେ। ତେବେ ମାପ ଚିହ୍ନଟ ହେବା ପୂର୍ବରୁ ସରଳାପଦର ଗ୍ରାମବାସୀ ଏହାର ଦୃଢ଼ ପ୍ରତିବାଦ କରିବାରୁ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ପହଞ୍ଚି ଘଟଣା ସମ୍ପର୍କରେ ବୁଝି ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ହୋଇଥିଲେ ଏବଂ ମାପଚୁପ ମଧ ସ୍ଥଗିତ ରହିଥିଲା। ଅନ୍ୟପକ୍ଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ସମସ୍ତ ୫୦୫ ଡିସିମିଲି ଜାଗାକୁ ସରକାରୀ ରେକର୍ଡକୁ ଫେରାଇ ନ ନେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସରଳାପଦର ଗ୍ରାମବାସୀ ତରଫରୁ ଚେତାବନୀ ଦିଆଯାଇଛି।



ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ପୋଲିସ ବୁଝାସୁଝା କରୁଛି।

- ମାପଚୁପ ପାଇଁ ଯାଇଥିବାବେଳେ ଗ୍ରାମବାସୀଙ୍କ ବିରୋଧ
- ଜବରଦଖଲ ଜାଗାକୁ ସରକାରଙ୍କୁ ଫେରାଇବାକୁ ଦାବି

## ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ ଅଫିସ, ୧।୨

**ପ୍ରସୂତିଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**
- ଏଚ୍ଆଇଭି ସଂକ୍ରମିତ ପୁରୁଷଙ୍କୁ ବିବାହ କରିଛନ୍ତି ସମ୍ପୃକ୍ତ ମହିଳା

ବାଣପୁର ଅଞ୍ଚଳର ଜଣେ ପ୍ରସୂତି ମହିଳାଙ୍କୁ ଏଚ୍ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏଥିରେ ଆବେଦନକାରୀଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ସମ୍ପୃକ୍ତା ମହିଳା ଅନ୍ୟ ଜଣେ ଏଚ୍ଆଇଭି ଆକ୍ରାନ୍ତ ପୁରୁଷଙ୍କୁ ୨୦୧୩ ଜୁଲାଇ ୨୧ରେ ବିବାହ କରି ଏକାଠି ରହୁଥିବା ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟ ଗତ ଶୁଣାଣିରେ ଆବେଦନକାରୀଙ୍କୁ ପୀଡ଼ିତାଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ. ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ମାର୍ଚ୍ଚ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ସମ୍ପୃକ୍ତା ମହିଳା ୨୦୧୧ ନଭେମ୍ବରରେ ପ୍ରସବ କରିବା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅସୁସ୍ଥତା ଦେଖାଦେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ସେ ଏଚ୍ଆଇଭି ସଂକ୍ରମିତ ହୋଇଥିବା ଜଣାପଡିଥିଲା। ଏଥିସହ ତାଙ୍କ ନବଜାତ କନ୍ୟାଟି ବି ମୃତ୍ୟୁବରଣ କରିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ପ୍ରାର୍ଥନା କରାଯାଇଥିଲା ବୋଲି ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର ଦାସ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଆବେଦନରେ ଦର୍ଶାଇଥିଲେ।

## ସିଦ୍ଧେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୧।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ନିକଟ ଶ୍ରୀଶ୍ରୀ ସିଦ୍ଧେଶ୍ୱର ଦେବଙ୍କ ପୀଠରେ ୪୮ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଲେଣ୍ଡୋ, ସାମନ୍ତରାୟପୁର, ରାଇଗୁରପୁର, ଗୋପୀନାଥପୁର ସମେତ ଆଖପାଖ ଅଞ୍ଚଳର ମାନସିକଧାରୀ ମହିଳା ଓ ପୁରୁଷ ପ୍ରାୟ ୧୦ କିଲୋମିଟର ଦୂରରେ ଥିବା ଦୟାନଦୀରୁ କଳସ ଉଠାଇ ଏକ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ଏହି ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ରହିଛି ବୋଲି ଯଜ୍ଞ ପରିଚାଳନା କମିଟି ଓ କୃପାସିନ୍ଧୁ ପଣ୍ଡା ପକ୍ଷରୁ ସୂଚନା ମିଳିଛି।

# କଳିଙ୍ଗ ସ୍ପୋର୍ଟିଂ କ୍ଲବ ୪-୧ରେ ଜିତି ସେମିରେ



ଖୋର୍ଦ୍ଧା ଷ୍ଟାଡ଼ିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

ଖୋର୍ଦ୍ଧା ଅଫିସ,୧।୨

**ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ଶିଲ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ବୁଧବାର ଠାରୁ ସର୍ବଭାରତୀୟ ପ୍ରହରାଜ ଚ୍ୟାଲେଞ୍ଜ ଶିଲ୍ଡ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ଓ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଆରମ୍ଭର ମାତ୍ର ୩ ମିନିଟ୍‌ରେ ଖୋର୍ଦ୍ଧା ପକ୍ଷରୁ ୧୧ନମ୍ବର ଖେଳାଳି ଅପ୍‌ସାକ ପ୍ରଥମ ଗୋଲ ଦେଇ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ଅଗ୍ରଣୀ ରହିଥିଲେ। ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳ ୪୧ ମିନିଟ୍‌ରେ ଗୋଲ ଦେଇ ପରିଶୋଧ କରିଥିଲେ। ପରେ କ୍ରମାଗତ ଭାବେ ୩ଟି ଗୋଲ ଦେଇ କଳିଙ୍ଗ ସ୍ପୋର୍ଟିଂ କ୍ଲବ ମୋଟ ୪-୧ ବ୍ୟବଧାନରେ ଏକତରଫା ଭାବେ ମ୍ୟାଚ ନିଜ ଅକ୍ତିଆରକୁ ନେଇଯାଇଥିଲା। ଏଥିସହ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚକୁ ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ମନୋରଞ୍ଜନ ଖୁଣ୍ଟିଆ ଏବଂ ଅବଦୁଲ ଅହମ୍ମଦ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ରମେଶ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜ୍ୟୋତି ପ୍ରକାଶ ମହାନ୍ତି, ଅକ୍ଷୟ ମହାନ୍ତି, କାଳିଶଙ୍କର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ମ୍ୟାଚ ଭୁବନେଶ୍ୱର କିଶୋର କ୍ଲବ ଭଦ୍ରକର ୟୁନାଇଟେଡ କ୍ଲବକୁ ଭେଟିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

# ଏଜି ଅଡିଟ୍ ପାଇଁ ସୁପାରିସ, ତଦନ୍ତ ଆରମ୍ଭ

ଖୋର୍ଦ୍ଧା ଅଫିସ,୧।୨

**ଜମାକାରୀଙ୍କ ୧.୫ କୋଟି ଆତ୍ମସାତ୍ ଘଟଣା**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଏବଂ ସଞ୍ଚୟ ବାବଦକୁ ପ୍ରାୟ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣାକୁ ୧୦ମାସ ବିତିଲାଣି। ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ଏହି ଆର୍ଥିକ ଅନିୟମିତତା ଘଟଣାର ତଦନ୍ତ ଲାଗି କେସିସିବି ପକ୍ଷରୁ ଅଡିଟର ଜେନେରାଲ(ଏଜି)ଙ୍କ ଦ୍ୱାରା ଅଡିଟ୍ ଲାଗି ସୁପାରିସ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏଜି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ତତ୍କାଳୀନ ଜିଲାପାଳ ତଥା କେସିସିବି ବ୍ୟାଙ୍କ ପରିଚାଳନା ପ୍ରଶାସକ ସଂଗ୍ରାମ କେଶରୀ ମହାପାତ୍ର ଟଙ୍କା ଆତ୍ମସାତ୍ ଘଟଣା ନେଇ ଗଣମାଧ୍ୟମ ଆଗରେ ସ୍ୱୀକାର କରିଥିଲେ। ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଥାନାରେ ଏତଲା ଏବଂ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା ଇଓଡବ୍ଲ୍ୟୁ ମାଧ୍ୟମରେ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ଏପର୍ଯ୍ୟନ୍ତ କୌଣସି ତଦନ୍ତ ଆରମ୍ଭ ହୋଇନାହିଁ। ଜମାକାରୀଙ୍କ ବିଶ୍ୱାସରେ ଧୂଳି ଦେଇ ଲକ୍ଷାଧିକ ଟଙ୍କା ଚଳୁ କରିଦେଲେ। ପ୍ରମାଣ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ଜମାକାରୀ। ଜମାକାରୀ କିପରି ଟଙ୍କା ଫେରିପାଇବେ ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଫଳରେ ଜମାକାରୀ ଟଙ୍କା ଫେରିପାଇବା ନେଇ ଚିନ୍ତାରେ ପଡ଼ିଛନ୍ତି।

ଉକ୍ତ ବ୍ୟାଙ୍କରୁ ଜଣେ କର୍ମଚାରୀ ଅବସର ଗ୍ରହଣ କରିବା ପରେ ଦୀର୍ଘବର୍ଷ ପର୍ଯ୍ୟନ୍ତ ଜମାକାରୀଙ୍କ ସହ ଆର୍ଥିକ କାରବାର କରୁଥିଲେ। ଏ କଥା କିପରି କାର୍ଯ୍ୟରତ କର୍ମଚାରୀ ଜାଣିପାରିଲେ ନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିଲା, ନା ଜାଣିଶୁଣି ପରୋକ୍ଷରେ ଏହାକୁ ପ୍ରଶ୍ରୟ ଦିଆଯାଉଥିଲା, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ପଛରେ କେଉଁମାନଙ୍କ ସଂପୃକ୍ତି ରହିଛି ସେନେଇ ଖୋଳତାଡ଼ କରାଗଲେ, ରହସ୍ୟ ଜଣାପଡ଼ିବ। ବ୍ୟାଙ୍କ କର୍ମଚାରୀ ଗୋଟିଏ ଜାଗାରୁ ଅନ୍ୟତ୍ର ସ୍ଥାନକୁ ବଦଳି ଲାଗି ଲକ୍ଷାଧିକ ଟଙ୍କା ଲାଞ୍ଚ କାରବାର ହେଉଥିବା ଚର୍ଚ୍ଚା ହେଉଛି। ଏନେଇ କେସିସିବି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବନଶ୍ରୀ ମଲିକ କହିଛନ୍ତି, ମୁଁ କିଛିମାସ ହେବ ଏଠାକୁ ବଦଳି ହୋଇଆସିଛି। ଉକ୍ତ ଘଟଣାକୁ ପ୍ରାଥମିକତା ଦିଆଯାଉଛି। ଅନିୟମିତା ଘଟଣାର ତଦନ୍ତ ଲାଗି ଏଜିକୁ ସୁପାରିସ କରାଯାଇଛି। ଏଜି ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପଟେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଗତ ମାର୍ଚ୍ଚ ୨୭ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର। ବିଧାୟକ ମିତ୍ର ଆଣିଥିବା ଅଭିଯୋଗ ଅନୁଯାୟୀ, ଗତବର୍ଷ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତି କ୍ଷେତ୍ରରେ ଆର୍ଥିକ ଅନିୟମିତତା ହୋଇଛି। ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆ ନ ଯାଇ ବ୍ୟାପକ ହେରଫେର କରାଯାଇଛି। ପରୀକ୍ଷା ଓ ଇଣ୍ଟରଭ୍ୟୁ ସମୟରେ ଲକ୍ଷାଧିକ ଟଙ୍କାର କାରବାର ହୋଇଛି। ସେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ରେ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ପ୍ରାୟ କୋଟିଏ ଟଙ୍କାର କାରବାର ହୋଇଥିବା ଚର୍ଚ୍ଚା ହେଉଛି। ତେବେ ବିଧାୟକ ଅଭିଯୋଗ କରିବାର ଇତିମଧ୍ୟରେ ୫ମାସ ବିତିଲାଣି, ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ।

**ଡକାୟତି ଯୋଜନା: ଫେରାର ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡିଆ ଅଞ୍ଚଳର ଏକ ଅନ୍ଧାରୁଆ ସ୍ଥାନରେ ଡକାୟତି ଯୋଜନା ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଦେଢ଼ ମାସ ପରେ ପୋଲିସ ଗିରଫ କରିଛି। ସେ ହେଲେ ଚକେଇସିଆଣିର ପ୍ରଦ୍ୟୁମ୍ନ ପୁହାନ ଓରଫ ଟିଣ୍ଟୁ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୨୦୧୯ରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି। ତେବେ ଏହି ଘଟଣାରେ ପୂର୍ବରୁ ୩ ଜଣ ଗିରଫ ହୋଇଥିଲେ। ସେମାନଙ୍କଠାରୁ ୨ଟି ମୋଟରସାଇକେଲ, ଗୋଟିଏ ଲୁହା ରଡ୍, ୨ଟି କଟୁରି, ଗୋଟିଏ ଖଣ୍ଡା ଏବଂ କିଛି ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଖଣ୍ଡଗିରି ମେଳାର ୬ଷ୍ଠ ଦିନ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଆରୋଗ୍ୟର ପ୍ରତିଷ୍ଠା ଦିବସ, ରେଲ୍ ଅଡିଟୋରିୟମ୍, ଅପରହ୍ନ ୫ଟା।
- ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ୧୭ତମ ବାର୍ଷିକ ଉତ୍ସବ, ମା' ତାରିଣୀ ପୀଠ ମନ୍ଦିର, ବିଜୁ ଆଦର୍ଶ କଲୋନୀ, ବାଲିଆପଟା, ଜିଜିପି କଲୋନୀ, ରାତି ୯ଟା ୩୦।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ଗୀତା ଆହୁତି, ବାଲିଅନ୍ତା ଡାମରାର ମଙ୍ଗଳା ପୀଠ, ସକାଳ ୮ଟା।

# ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡ଼ିକୁ ସଶକ୍ତ କରାଯିବ

ଭୁବନେଶ୍ୱର, ୧।୨(ବ୍ୟୁରୋ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୃଷ୍ଟିବାଧିତ ପିଲାଙ୍କୁ ଟେକ୍ନୋଲୋଜି ସାହାଯ୍ୟରେ ଶିକ୍ଷଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ବୁଧବାର ଜଟଣୀସ୍ଥିତ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର(ଆଇଆଇସି)ରେ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଶିକ୍ଷକଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହା କହିଛନ୍ତି। ମନ୍ତ୍ରୀ କହିଲେ, ଖୁବ୍‌ଶୀଘ୍ର ଜଟଣୀସ୍ଥିତ କେନ୍ଦ୍ରରେ ଏକ ଅଭିଜ୍ଞତା କେନ୍ଦ୍ର (ଏକ୍ସପେରିଏନ୍ସ ସେଣ୍ଟର) ଆରମ୍ଭ କରାଯିବ। ରାଜ୍ୟରେ ଦିବ୍ୟାଙ୍ଗଙ୍କ ପାଇଁ ଥିବା ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡ଼ିକୁ ଅଧିକ ସଶକ୍ତ କରାଯିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ।

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଲେ, ଶିକ୍ଷକଙ୍କ ପାଇଁ ଏପରି ଡିଜିଟାଲ୍ ପ୍ରଶିକ୍ଷଣ ଓ ଟେକ୍ନୋଲୋଜିର ସହଯୋଗ ଅନ୍ତର୍ଭୁକ୍ତି ଶିକ୍ଷା ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା କହିଲେ, ପ୍ରଥମ ପର୍ଯ୍ୟାୟରେ ଦୃଷ୍ଟିବାଧିତ ପିଲାଙ୍କ ଶିକ୍ଷକମାନଙ୍କ ପାଇଁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଏହାକୁ ସମ୍ପ୍ରସାରିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୭ଜଣ ଶିକ୍ଷକ ଏଥିରେ ଅଂଶଗ୍ରହଣ କରୁଛନ୍ତି। କିଣ୍ଡିଲ୍/ଟ୍ୟାବ୍ ଭଳି ଗୋଟିଏ ଡିଜିଟାଲ୍ ଉପକରଣ ମାଧ୍ୟମରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ୧୫ରୁ ୨୦ ହଜାର ପୁସ୍ତକ ଉପଲବ୍ଧ ହେବ। ସେସବୁ ମଧ୍ୟରେ କଥା କାହାଣୀ ଓ ବିଭିନ୍ନ ରେଫରେନ୍ସ ପୁସ୍ତକ ମଧ୍ୟ ସାମିଲ ହେବ। ଜଣେ ଦୃଷ୍ଟିବାଧିତ ବିଦ୍ୟାର୍ଥୀ ଏହି ଡିଜିଟାଲ୍ ଉପକରଣ ମାଧ୍ୟମରେ ବ୍ରେଲି ଅକ୍ଷର ସାହାଯ୍ୟରେ ଶିକ୍ଷା ଗ୍ରହଣ କରିପାରିବ। 'ଭିଜନ୍ ଏମ୍‌ପାୱାର' ସଂସ୍ଥା ମାଇକ୍ରୋଶଫ୍ଟ ରିସର୍ଚ୍ଚ ଓ ବେଙ୍ଗାଲୁରୁ ଆଇଆଇଆଇଟିର ସହଯୋଗରେ କାର୍ଯ୍ୟ କରିବ। ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ସୁସ୍ଥତା ପାଇଁ ୱାକାଥନ୍




ଭୁବନେଶ୍ୱର,୧।୨ (ବ୍ୟୁରୋ)

ଇଣ୍ଡିଆନ୍ ସାଇକାଟ୍ରିକ୍ ସୋସାଇଟିର ୭୪ତମ ନ୍ୟାଶନାଲ କନଫରେନ୍ସ ଅବସରରେ ବୁଧବାର ଏକ ୱାକାଥନ ଆୟୋଜିତ ହୋଇଯାଇଛି। ଏହାର ଥିମ୍ ଥିଲା 'ଚେଞ୍ଜିଂ ଲ୍ୟାଣ୍ଡସ୍କେପ୍ ଇନ୍ ମେଣ୍ଟାଲ ହେଲଥ୍'। ମାନସିକ ସୁସ୍ଥତା ସମ୍ପର୍କରେ ବାର୍ତ୍ତା ଦେବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରୁ ବାହାରି କମିଶନରେଟ୍ ପୋଲିସ୍ ହେଡ୍ କ୍ୱାର୍ଟର୍‌ରେ ପହଞ୍ଚିଥିଲା। ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ଼ିଶନାଲ ଡିସିପି ସୁଧାକର ମିଶ୍ର, ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସମାଜସେବୀ ଋଷି ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବେନଶ୍ୱର,୧।୨(ବ୍ୟୁରୋ)-ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ରାଜ୍ୟ ସରକାର ଏକ ଛୋଟ ଅଦଳବଦଳ କରିଛନ୍ତି। ୩ ଅଧିକାରୀଙ୍କ ବଦଳି ହୋଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ସୁକାନ୍ତ କୁମାର ବେହେରାଙ୍କୁ ଓଏଫଡିସି ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆଯୁକ୍ତ ବିନୟ କୁମାର ଦାଶଙ୍କୁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶକ୍ତି ବିଭାଗର ଉପ ସଚିବ ବଳରାମ ମଲ୍ଲିକଙ୍କୁ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଉପ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

# ଗରିବ ଶ୍ରମିକର କାହାଣୀ କହିଲା 'କୁଆଁ କୁଆଁ'



ନାଟକ 'କୁଆଁ କୁଆଁ(ପିଲା କାନ୍ଦେ)'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧।୨ (ବ୍ୟୁରୋ)

**ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବରଙ୍ଗ' ଉଦ୍‌ଘାଟିତ**

ଗରିବ ଶ୍ରମିକଙ୍କ ଜୀବନଧାରାରୁ କିଛି ସତ୍ୟ ଘଟଣା ନେଇ ନାଟକ 'କୁଆଁ କୁଆଁ(ପିଲା କାନ୍ଦେ)' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ନାଟକ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି। ବୁଧବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଇଷ୍ଟର୍ନ ଜୋନାଲ୍ କଲ୍‌ଚର ସେଣ୍ଟର ସହଭାଗିତାରେ ରବୀନ୍ଦ୍ର ମଣ୍ଡପରେ ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବରଙ୍ଗ'ର ଉଦ୍‌ଘାଟନୀ ଅବସରରେ ଏହି ମନଛୁଆଁ ନାଟକ ମଞ୍ଚସ୍ଥ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ହିନ୍ଦୀ ନାଟକ 'ୟେ ହୈ ବମ୍ବେ, ମେରୀ ଜାନ୍', ତୃତୀୟ ସନ୍ଧ୍ୟାରେ 'ଅରେ ମାୟାବୀ ସରୋବର' ଏବଂ ଉଦଯାପନୀ ସନ୍ଧ୍ୟାରେ ବଙ୍ଗଳା ଭାଷାରେ 'ମେଡିଆ' ମଞ୍ଚସ୍ଥ ହେବ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲିଅନ୍ତା,୧।୨(ଡି.ଏନ୍.ଏ.)

ବାଲିଅନ୍ତା ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ପରସରରେ ବୁଧବାର ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ପ୍ରାଚୀ ଜଳସେଚନ ବିଭାଜନ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଉପସ୍ଥିତ ଥିଲେ। ପାଣି କିପରି ଜମିର ଶେଷମୁଣ୍ଡରେ ପହଞ୍ଚିବ ସେଥିପ୍ରତି ବିଭାଗୀୟ କର୍ମଚାରୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଧ୍ୟାନ ଦେବା ଜରୁରୀ ବୋଲି ବିଧାୟକ ଢାଲୀ କହିଥିଲେ। ସଭାରେ ଅଧ୍ୟକ୍ଷତା କରିଥିବା ପ୍ରାଚୀ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ ପାଣିର ସୁପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଲ୍ଲଭ ମହାପାତ୍ର, ଅଜୟ ବେହେରା, ସିଦ୍ଧାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପାଣି ପଞ୍ଚାୟତର କର୍ମକର୍ତ୍ତା ବିରଞ୍ଚି ନାରାୟଣ କର, କରୁଣାକର ପରିଡ଼ା ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ନଗଦ ଅର୍ଥ ପ୍ରଦାନ କରିଥିଲେ। ସଭାକୁ କେ.କେ ରାଓ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ଭୀମସେନ ବେହେରା ସହଯୋଗ କରିଥିଲେ।

# ୩ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଶହୀଦନଗରସ୍ଥିତ ପ୍ରଫେସର ଶତ୍ରୁଘନ ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଭୁବନେଶ୍ୱର,୧।୨(ବ୍ୟୁରୋ)

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ଓଡ଼ିଶାର ୩ ବରପୁତ୍ର ନାଟ୍ୟ ପ୍ରତିଭା ସ୍ୱର୍ଗତ ଅସୀମ ବସୁଙ୍କ ୬ଷ୍ଠ ଶ୍ରାଦ୍ଧୋତ୍ସବ, ସାନ୍ତାଳୀ ଭାଷାର ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୪୧ତମ ଶ୍ରାଦ୍ଧୋତ୍ସବ ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ବସୁଙ୍କ ପ୍ରତିମୂର୍ତ୍ତିସ୍ଥଳୀ, ଶହୀଦ ନଗରସ୍ଥିତ ପ୍ରଫେସର ନାଥଙ୍କ ପ୍ରତିମୂର୍ତ୍ତିସ୍ଥଳୀ ଓ ନିଳାଦ୍ରୀବିହାରସ୍ଥିତ ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ପୁଷ୍ପମାଲ୍ୟ ଓ ଦୀପଦାନ କରାଯାଇଥିଲା। ଏହି ଅବସରରେ ୧୮ଜଣଙ୍କୁ ୩ ବରପୁତ୍ରଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଧାୟକ ଅନନ୍ତ ନାରାୟଣ ଜେନା, ଡ. ମିହିର ପଟ୍ଟନାୟକ, ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, କର୍ପୋରେଟର ରାଜକିଶୋର ଦାସ, ମୋନାଲିସା ସାହୁ, ରୀତା ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ, ଅନୁପମା ବେହେରା, ପ୍ରଗତି ରଥ, ଉଇ ଫର୍ ଭୁବନେଶ୍ୱର ଓ ଜୟ ଓଡ଼ିଶା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ରେଡିଂ ସଂସ୍ଥାରେ ଟଙ୍କା ବିନିଯୋଗ କରି ୮୩ ଲକ୍ଷ ହରାଇଲେ ଯୁବକ

ଭୁବନେଶ୍ୱର,୧।୨(ବ୍ୟୁରୋ): ଟ୍ରେଡିଂ ସଂସ୍ଥାରେ ଟଙ୍କା ବିନିଯୋଗ କରି ଜଣେ ଯୁବକ ଠକାମିର ଶିକାର ହୋଇଛନ୍ତି। ଯୁବକ ଜଣକ ହେଲେ ଭୁବନେଶ୍ୱରରେ ରହୁଥିବା ବଟକୃଷ୍ଣ ଦାସ। ଅଧିକ ସୁଧ ମିଳିବା ଆଶାରେ ଯୁବକ ଜଣକ ୨୦୧୮ ରୁ ୨୦୨୩ ମଧ୍ୟରେ ମୋଟ ୮୩ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ହେଲେ ଟଙ୍କା ବିନିଯୋଗ ପରେ ଉକ୍ତ ସଂସ୍ଥା ବଟକୃଷ୍ଣଙ୍କ ଆକାଉଣ୍ଟକୁ ବନ୍ଦ କରିଦେଇଛନ୍ତି। ଲୋନ କରି ଟଙ୍କା ବିନିଯୋଗ କରିଥିବାରୁ ପୁରା ଭାଙ୍ଗି ପଡିଛନ୍ତି ବଟକୃଷ୍ଣ। ଠକାମିର ଶିକାର ହେବା ଜାଣି ବଟକୃଷ୍ଣ ଇଓଡବ୍ଲ୍ୟୁରେ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଛି।

# ରସୁଲଗଡ଼ ପୁରୁଣା ରେଲ୍‌ୱେ ଓଭରବ୍ରିଜରେ ଯାତାୟାତ ବନ୍ଦ

ଭୁବନେଶ୍ୱର,୧।୨(ବ୍ୟୁରୋ)

**ତୃତୀୟ ରେଳ ଲାଇନ୍ ନିର୍ମାଣ ପାଇଁ କଟକଣା**

ଭୁବେନଶ୍ୱର ରେଳ ଷ୍ଟେଶନରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୧୬ର ରସୁଲଗଡ଼ଠାରେ ଥିବା ପୁରୁଣା ରେଳ ଓଭରବ୍ରିଜ୍‌ରେ ଯାତାୟାତ କଟକଣା ଲାଗୁ କରାଯାଇଛି। ଏନେଇ ଟୁଇନ୍ ସିଟି ପୋଲିସ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାରଠାରୁ ଟ୍ରାଫିକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ବାଣୀବିହାର ପଟୁ ଆସୁଥିବା ଯାନବାହନଗୁଡ଼ିକ କଟକ ଯିବାକୁ ଚାହୁଁଥିଲେ, ପୁରୁଣା ରେଲୱେ ଓଭର ବ୍ରିଜ୍‌ରେ ନ ଯାଇ ପାର୍ଶ୍ୱକୁ ଲାଗି ତିଆରି ହୋଇଥିବା ନୂଆ ରେଳ ଓଭରବ୍ରିଜ ଦେଇ ରସୁଲଗଡ଼ ଫ୍ଲାଏ ଓଭର ଦେଇ ଯାତାୟାତ କରିବ। ସେହିପରି ପୁରୀ, ରସୁଲଗଡ଼, ପଳାଶୁଣୀ, ବମିଖାଲ ଯାଉଥିବା ଯାନବାହନଗୁଡ଼ିକ ପୂର୍ବଭଳି ନୂଆ ରେଳ ଓଭରବ୍ରିଜ୍ ବାଟେ ରସୁଲଗଡ଼ ସର୍ଭିସ୍ ରୋଡ୍ ଦେଇ ଯାତାୟାତ କରିବ। ଏହି କଟକଣା ବ୍ରିଜ କାମ ଶେଷ ହେବା ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଉଦଘାଟିତ

ବାଲିପାଟଣା,୧।୨(ଡିଏନ୍.ଏ.)

ପଞ୍ଚାୟତ ବିଭାଜନ ପରେ ସୋମଣା ଶାସନ ପଞ୍ଚାୟତରୁ ଅଲଗା ହୋଇ ମୁକୁନ୍ଦାସପୁରକୁ ନୂଆ ପଞ୍ଚାୟତ ଘୋଷଣା କରାଯାଇଥିଲା। ବୁଧବାର ସେହି ନୂଆ ପଞ୍ଚାୟତର ନୂତନ କାର୍ଯ୍ୟାଳୟକୁ ବ୍ଲକ ଅଧକ୍ଷା ହରପ୍ରିୟା ଦାସ ଓ ସରପଞ୍ଚ ସୋମନାଥ ଖଟେଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ଅନ୍ୟାନ୍ୟ ଅତିଥି ଭାବରେ ସମିତି ସଭ୍ୟ ମହମ୍ମଦ ଇକବାଲ, ଡ.ଉସିମ ଉଦ୍ଦିନ ଅହମ୍ମଦ, ଲେଖକ ତଥା ଗବେଷକ ସକିଲ ଆହମଦ, ଜିଲା ମିଶନ ଶକ୍ତି ସଭାନେତ୍ରୀ ପଦ୍ମିନୀ ଦାଶ, ଜିଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସୁକନ୍ୟା ସେଠୀ, ବ୍ଲକ ବିଜେଡି ସଭାପତି କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ବାହାନ ଭୋଇ, ନରିଶୋ ସରପଞ୍ଚ କବିତା କାଣ୍ଡି, ସୋମଣା ସମିତି ସଭ୍ୟ ଶୈଳେନ୍ଦ୍ର ଦାଶଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅକ୍ଷୟ ସାହୁ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

## ନୂତନ ତାଲିମକେନ୍ଦ୍ର ଉଦ୍‌ଘାଟିତ

ବାରଙ୍ଗ,୧।୨(ଡି.ଏନ.ଏ.) ଛତାବର ପାଖରେ ଥିବା ମହାତ୍ମାଗାନ୍ଧୀ ଜେଲ ଏକାଡେମୀ ପରିସରରେ ଏକ ନୂତନ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜେଲ ବିଭାଗ ଡିଜି ମନୋଜ କୁମାର ଛାପ୍ରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ଶୁଭକାନ୍ତ ମିଶ୍ର, ଡେପୁଟି ଡାଇରେକ୍ଟର ମନୋଜ କୁମାର ମହାଳିକ, ଆଡସିନାଲ ଡାଇରେକ୍ଟର ବିରକିଶୋର ଦାସ, ଆସିଷ୍ଟାଣ୍ଟ ଡାଇରେକ୍ଟର (ଟ୍ରେନିଂ) ସମୀର କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଲିମ ଗ୍ରହଣ କରିଥିବା ଜେଲ ବିଭାଗ କର୍ମଚାରୀଙ୍କୁ ଜେଲସଂସ୍କାର ଉପରେ ମତବ୍ୟକ୍ତ କରିଥିଲେ।

# ବାପାଙ୍କ ନାଁରେ ଜାଲିଆତି କରି ପୁଅ ଗିରଫ

ଭୁବନେଶ୍ୱର,୧।୨(ବ୍ୟୁରୋ)

ବାପାଙ୍କ ନାଁରେ ଜାଲିଆତି କରି ଷ୍ଟେଶନ ସ୍କୋୟାରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍‌ରୁ ଋଣ ମାମଲାରେ ସମ୍ପୃକ୍ତ ଜଣେ ପୁଅଙ୍କ ସମେତ ୩ଜଣଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ପୁଅ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଅଜୟ କୁମାର ଚୌଧୁରୀ। ଅନ୍ୟ ଅଭିଯୁକ୍ତ ହେଲେ ମଧ୍ୟସ୍ଥ କଟକ ଜିଲା ପୁରୀଘାଟ ଥାନା ଅଞ୍ଚଳର ସୁଧୀରକାନ୍ତ ସାମଲ ଓ ରୂପଶ୍ରୀ ଦାସ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦୧୨-୧୩ରେ କମେଟ୍ ଇଣ୍ଟରନ୍ୟାଶନାଲ କମ୍ପାନୀ ନାମରେ ଉକ୍ତ ଋଣ ହୋଇଥିଲା। ଏଥିପାଇଁ ଅଜୟ ତାଙ୍କ ବାପାଙ୍କ ନାମରେ ଜାଲ୍ କାଗଜପତ୍ର କରି ଦୁଇ ମଧ୍ୟସ୍ଥଙ୍କ ଜରିଆରେ ଋଣ କରାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ କମ୍ପାନୀ ପକ୍ଷରୁ ଋଣ ଶୁଝା ନ ଯିବାରୁ ଅଜୟଙ୍କ ବାପା ଲକ୍ଷ୍ମୀଧରଙ୍କୁ ବ୍ୟାଙ୍କ୍ ନୋଟିସ ଦେବା ପରେ ଘଟଣା ପଦାକୁ ଆସିଥିଲା। ତାଙ୍କ ଘରର କାଗଜପତ୍ର ବ୍ୟାଙ୍କରେ ବନ୍ଧା ପଡିବା ସହ ଜାଲ ଦସ୍ତଖତ କରି ଋଣ କରିବା ନେଇ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ତଥା ଅଜୟଙ୍କ ମା ନୟାପଲ୍ଲୀ ଥାନାରେ ୨୦୧୯ ରେ ଅଭିଯୋଗ କରିଥିଲେ। ଅଭିଯୁକ୍ତକୁ ଭିତ୍ତି କରି ପୋଲିସ ୩ ବର୍ଷ ପରେ ୨ଜଣ ଦଲାଲଙ୍କ ସମେତ ଅଭିଯୋଗକାରୀଙ୍କ ପୁଅକୁ ଗିରଫ କରିଛି।

**୨ ଦଲାଲ ମଧ୍ୟ ଗିରଫ ହେଲେ**

## ଯଶୁଆପୁର ମହୋତ୍ସବ ପାଇଁ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ



ବାଲକାଟୀ,୧।୨(ଡି.ଏନ. ଏ.)

ଯଶୁଆପୁର ବିକାଶ ପରିଷଦ ଏବଂ ଡାକ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ମୁଖ୍ୟ ଡାକ ଘରେ ଷଷ୍ଠ ଯଶୁଆପୁର ମହୋତ୍ସବ ୨୦୨୩ ପାଇଁ ଏକ ସ୍ୱତନ୍ତ୍ର ଡାକ ଲଫାପା ବୁଧବାର ଉନ୍ମୋଚିତ ହୋଇଯାଇଛି। ପରିଷଦ ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ଡାକ ଲଫାପାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଡାକ ବିଭାଗର ମୁଖ୍ୟ ପୋଷ୍ଟମାଷ୍ଟର ମନୋଜ ପଟ୍ଟନାୟକ, ବସୁଧାର ଉପଦେଷ୍ଟା ଅପୂର୍ବା ଅପରୂପା ନିରୁପମା, ଶିକ୍ଷାବିତ ନାରାୟଣ ବେହେରା, ବିଧୁଭୂଷଣ ପଟ୍ଟନାୟକ, ପ୍ରମୋଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଦସ୍ୟ ଲକ୍ଷ୍ମଣ ଜେନା, ତାପସ ରଞ୍ଜନ ମଲିକ, ବିଶ୍ୱଜିତ ସାମନ୍ତରାୟ, ଦୀପକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ ଲଫାପାକୁ ଅଜିତ ରାଉତ ଅଳଙ୍କୃତ କରିଥିଲେ।




ଖଣ୍ଡଗିରି ଓଭରବ୍ରିଜ୍ ଉପରୁ ବୁଧବାର ରାତିରେ କୁମ୍ଭମେଳାର ଦୃଶ୍ୟ।

# ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୧।୨ (ବ୍ୟୁରୋ)

**ଝୁମେଇଲେ ଅସୀମା, ଜେମସ୍ ଆର୍‌ଡିଏକ୍ସ ଗ୍ରୁପ୍**



କୁମ୍ଭମେଳା ଅବସରରେ ଖଣ୍ଡଗିରି ପାଦ୍ଦିକାରେ ବୁଧବାରଠାରୁ ଆରମ୍ଭ ହୋଇଛି 'ଖଣ୍ଡଗିରି-ଉଦୟଗିରି ମହୋତ୍ସବ'। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ କଲ୍ୟାଣ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ନାଚ ଗୀତରେ ଝୁମିଛନ୍ତି ଦର୍ଶକ। କୋକିଳା ଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତର ତାଳେ ତାଳେ ଦର୍ଶକ ମତୁଆଲା ହୋଇଥିଲେ। କହିବି କହି କୁହନା... ଭଳି ପ୍ରାୟ ୬ଟି ହିଟ୍ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ତେବେ ରାଉରକେଲାର ଜେମସ୍ ଆର୍‌ଡିଏକ୍ସ ଗ୍ରୁପ୍ ମୁଖ୍ୟ ଆକର୍ଷଣ ସାଜିଥିଲେ। ଏହି ଗ୍ରୁପ୍‌ର ଫ୍ୟୁଜନ ଡ୍ୟାନ୍ସ ମଞ୍ଚରେ ନିଆଁ ଲଗେଇଦେଇଥିଲା। ଗ୍ଲୋରିଆ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ବିଧାୟକ ତଥା ଅନୁଷ୍ଠାନ ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇଥିବାବେଳେ ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି, ଦୀପକ ମିଶ୍ର, ସଂଯୁକ୍ତା ସୁନ୍ଦରାୟ, ସକିବା ମୁସାରଫ୍, ଚାରୁଲତା ସାମନ୍ତରାୟ, ଛବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରୁ ଆସିଲା ମାମୁଙ୍କ ପାଇଁ ପାଟବସ୍ତ୍ର

ନିଆଳି,(ଡି.ଏନ୍.ଏ.): ଶ୍ରୀଜଗନ୍ନାଥଙ୍କ ମାମୁଘର ଭାବେ ପରିଚିତ ନିଆଳି ମାଧବାନନ୍ଦ ମନ୍ଦିର। ତେଣୁ ଭୈମୀ ଏକାଦଶୀ ବୁଡ଼ ନିମନ୍ତେ ପରମ୍ପରା ଅନୁଯାୟୀ ମାମୁ ଶ୍ରୀମାଧବାନନ୍ଦଙ୍କ ପାଇଁ ଭଣଜା ଶ୍ରୀମନ୍ଦିରରୁ ନୂଆ ପାଟବସ୍ତ୍ର, ଚନ୍ଦନ କାଠ, ଫୁଲ, ଫଳ, ନୈବେଦ୍ୟ ଆସିଛି। ଜଗନ୍ନାଥ ମନ୍ଦିରର ମୁଖ୍ୟ ସେବାୟତ ଇଶିତ୍ ପଡ଼ିହାରି, ପୁରୋହିତ ସିଦ୍ଧେଶ୍ୱର ମହାପାତ୍ରଙ୍କ ସହିତ ଅନ୍ୟାନ୍ୟ ସେବାୟତ ଏହି ବସ୍ତ୍ର ଧରି ମାଧବାନନ୍ଦ ନିକଟସ୍ଥ ପ୍ରାଚୀ ଘାଟ ନିକଟରେ ପହଞ୍ଚିବା ପରେ ମାଧବାନନ୍ଦ ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇ ମାଧବାନନ୍ଦ ମନ୍ଦିରକୁ ନିଆଯାଇଥିଲା। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ପ୍ରାଚୀ ନଦୀରେ ବୁଡ଼ ପକାଇବା ପରେ ଶତାଧିକ ଭକ୍ତ ବୁଡ଼ ପକାଇ ଶ୍ରୀମାଧବାନନ୍ଦଜୀଉଙ୍କୁ ଦର୍ଶନ କରିଥିଲେ।

**ସଂକ୍ଷେପରେ**

## ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**କଟକ ସଦର,୧।୨(ଡି.ଏନ.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଦେଉଳି ଗ୍ରାମରେ ସୁନୀତା ନାୟକ(୨୬)ଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀ ପ୍ରଶାନ୍ତ ନାୟକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କନ୍ଦରପୁର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ନଗେନ ନାୟକଙ୍କ ଝିଅ ସୁନୀତାଙ୍କୁ ୫ ବର୍ଷ ତଳେ ପ୍ରଶାନ୍ତ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଅଧିକ ଯୌତୁକ ଆଣିବା ପାଇଁ ସୁନୀତାଙ୍କ ଉପରେ ଶାଶୁଘର ଲୋକେ ଚାପ ପକାଇବା ସହ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସୁନୀତା ଘରେ ବେକରେ ରଶି ଲଗାଇ ଦେଇଥିବା ଶାଶୁଘର ପକ୍ଷରୁ ବାପଘର ଲୋକଙ୍କୁ ଅବଗତ କରାଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀତାଙ୍କ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ଯୌତୁକ ଯୋଗୁ ସୁନୀତାଙ୍କୁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମାରି ଦେଇଥିବା ନେଇ ତାଙ୍କ ମା' ଅଞ୍ଜନା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୩୭/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ

**କଟକ ସଦର, ୧।୨(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାର ପରିଣତ ନ କରିବା ପର୍ଯ୍ୟନ୍ତ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନ ସହ ଜନ ସଚେତନତା ଜାରି ରହିବ। ଏ ନେଇ ବୁଧବାର ସ୍ଥାନୀୟ ଗିରିଧାରୀ ବାଟିକାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ଏଥିସହ ମହାନଦୀ ବନ୍ଧ ରାସ୍ତା ଛୋଟା ଦୋକାନଠାରୁ ବାଙ୍କଲ ପର୍ଯ୍ୟନ୍ତ ମରାମତି, ବରାହ ପାଟର ଜଳ ନିଷ୍କାସନ କରିବା ଓ ଗିରିଧାରୀ ମଠକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ପାଇଁ ସେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିମଳ କୁମାର ପଣ୍ଡା, ଅଭିମନ୍ୟୁ ସାହୁ, ପ୍ରଦୀପ ଦାସ, ଅଭିନାଶ ମହାନ୍ତି, ଯାମିନୀ ମୋହନ ସାହୁ, ଅନନ୍ତ ନାଥ, ସଞ୍ଜୟ ସାହୁ, ସୁରେଶ ଜେନା ଓ ସଞ୍ଜୟ ସେଠୀ ଉପସ୍ଥିତ ଥିଲେ।

## ପାଣି ପଞ୍ଚାୟତ ସଚେତନତା ରଥ ଶୁଭାରମ୍ଭ

**କଟକ ଅଫିସ, ୧।୨:** ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଏକ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏହି ରଥକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ପାଣି ପଞ୍ଚାୟତ ମାଧ୍ୟମରେ ଜଳ ସେଚନ ବ୍ୟବସ୍ଥାର ପରିଚାଳନା, ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଅଂଶଗ୍ରହଣ, ସୁରକ୍ଷିତ ତଥା ସମାନୁପାତିକ ଭାବେ ସମସ୍ତ ଚାଷୀଙ୍କୁ ଜଳବଣ୍ଟନ, ଜଳ ବଜେଟ, ଫସଲ ଖସଡା ପ୍ରସ୍ତୁତିରେ ଚାଷୀଙ୍କର ଅଂଶଗ୍ରହଣ ଓ ନାନାବିଧ ଫସଲ ଚାଷ ତଥା ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ପାଣି ପଞ୍ଚାୟତ ଯୋଜନାକୁ ସଫଳ ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ଉପସ୍ଥିତ ଏହି ଯୋଜନାର ଅଂଶୀଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତ ନୋଡାଲ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

# ପୁନରୁଦ୍ଧାର ହେବ ପେଟାନାଳ

**କଟକ ଅଫିସ,୧।୨**

- ୩୬ କୋଟିର ବ୍ୟୟ ଅଟକଳ
- ମାର୍ଚ୍ଚ ପହିଲାରୁ ଭିତ୍ତିଭୂମି କାମ ଆରମ୍ଭ
- ୧୮ ମାସରେ ଶେଷ ହେବ ପ୍ରକଳ୍ପ କାର୍ଯ୍ୟ

ତାଳଦଣ୍ଡା କେନାଲ ଭଳି ସିଡିଏ ମର୍କତନଗରସ୍ଥିତ ପେଟାନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ୩୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆସନ୍ତା ୧୮ ମାସ ମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବ ବୋଲି ବୁଧବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି।

କଟକ ସହରକୁ ଅଧିକ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ପହିଲାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ କହିଛନ୍ତି। ନିଷ୍ପତ୍ତି ମୁତାବକ, ପ୍ରଥମ ପର୍ଯ୍ୟାୟରେ ୱାଟ୍‌କୋ ପକ୍ଷରୁ ପେଟାନାଳ ମଧ୍ୟକୁ ଛୋଟ ଡ୍ରେନ୍‌ରୁ ଛଡାଯାଉଥିବା ନର୍ଦ୍ଦମା ପାଣି ଓ ସ୍ୱେରେଜ ବର୍ଜ ଜଳକୁ ବନ୍ଦ କରାଯାଇ ସିଧାସଳଖ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଛଡ଼ାଯିବ। ତେବେ ଏହି କାର୍ଯ୍ୟ ୱାଟ୍‌କୋ ପକ୍ଷରୁ ଆରମ୍ଭ ହୋଇଥିବା ନେଇ ବୈଠକରେ



ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲଙ୍କ ସହ ଅନ୍ୟମାନେ।

କୁହାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ସ୍ୱେରେଜ ବିଭାଗ ପକ୍ଷରୁ ମାର୍ଚ୍ଚ ପହିଲାରୁ ଆରମ୍ଭ କରାଯିବ। ବିଶେଷକରି ନାଳରୁ ମାଟି ବାହାର କରାଯାଇ ସମତଳ କରାଯିବ ଓ ଭିତର ପଟର ଉଭୟ କଡକୁ ସଫା କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ କଟକ ମହାନଗର ନିଗମ ପକ୍ଷରୁ ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥଳେ ସେଠାରେ ଥିବା ଜବରଦଖଲ ଉଚ୍ଛେଦ କରାଯିବ। ଶେଷ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟକରଣ, ମନୋରଞ୍ଜନ ପାଇଁ ଉଦ୍ୟାନ ନିର୍ମାଣ, ଘାସ, ଫୁଲଗଛ, ଲୋକ ବସିବା ପାଇଁ ବେଞ୍ଚ ସହ ଜଳଫୁଆରା ଓ ଆଧୁନିକ ଆଲୋକୀକରଣ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ପେଟାନାଳର ପୁନରୁଦ୍ଧାର ପାଇଁ ପୂର୍ବରୁ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ ଏହା କେବଳ ଯୋଜନାରେ ସୀମିତ ରହିଯାଇଥିଲା। ତେବେ ଉକ୍ତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେବ ନା ଯୋଜନାରେ ସୀମିତ ରହିବ, ତାହାକୁ ଦେଖିବା ପାଇଁ ସହରବାସୀ ଅପେକ୍ଷା କରିଛନ୍ତି।

ସେହିପରି ଏଠାରେ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖାନ୍‌ନଗର ଓ ସତୀଚୌରାରେ ଶବଦାହ ପାଇଁ ଗ୍ୟାସ୍‌ଚୁଲା କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ୧୫ ଦିନ ଭିତରେ ଖାନ୍‌ନଗରସ୍ଥିତ ଶବଦାହ ଗ୍ୟାସ୍ ଚୁଲା ଚାଲୁ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୩.୫ କୋଟି ଟଙ୍କା ବ୍ୟୟରେ ଖାନ୍‌ନଗରସ୍ଥିତ ଶବଦାହ କେନ୍ଦ୍ରରେ ଏକାଥରକେ ଦୁଇଟି ଶବଦାହ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଅଜୟ ମହାନ୍ତି, ଜାଇକା ନିର୍ବାହୀ ଯନ୍ତ୍ରୀ, ୱାଟ୍‌କୋ ଅଧୀକ୍ଷଣ ଯନ୍ତ୍ରୀ, ସିଏମ୍‌ସି ସିଟି ଇଞ୍ଜିନିୟର, ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ ବିଭାଗ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଗେଲ୍‌ର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମହିଳା ଗୋଷ୍ଠୀ-କମ୍ପାନୀ ଏମ୍‌ଓୟୁ ସ୍ୱାକ୍ଷରିତ

**କଟକ ଅଫିସ,୧।୨**

**ଓର୍‌ମାସର ଉପଭୋକ୍ତା ଓ ବିକ୍ରେତା ସମାବେଶ**

ସଶକ୍ତ ହେବେ ମହିଳା। ଉତ୍ପାଦକ ଗୋଷ୍ଠୀମାନଙ୍କୁ ଉନ୍ନତ ଜ୍ଞାନକୌଶଳ, ଉତ୍ପାଦ ବିକାଶ ସହ ବିକ୍ରି ବ୍ୟବସ୍ଥାରେ ବ୍ରାଣ୍ଡର ଉନ୍ନତୀକରଣ କରିବା ଆଦି ବିଭିନ୍ନ କ୍ଷେତ୍ର ପାଇଁ ଓର୍‌ମାସ ମାଧ୍ୟମରେ ବିଭିନ୍ନ କମ୍ପାନୀ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି ମହିଳା ଉତ୍ପାଦିକା ଗୋଷ୍ଠୀ। ଏ ନେଇ କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ବୁଧବାର ଉପଭୋକ୍ତା ଓ ବିକ୍ରେତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଉପଯୁକ୍ତ ମୂଲ୍ୟ, ଉତ୍ପାଦର ବିକାଶ, ଅଧିକ ବ୍ୟବସାୟ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଘରୋଇ ଓ ବାହ୍ୟ ବଜାରରୁ ଆସିଥିବା ଗ୍ରାମୀଣ ଉପଭୋକ୍ତା ଏବଂ ବିକ୍ରେତା ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯାଇ ମହିଳାମାନଙ୍କୁ ଅଧିକ ସଶକ୍ତ କରାଯାଇପାରିବ ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା। ଏହାଛଡ଼ା ଗ୍ରାମାଞ୍ଚଳରେ ପ୍ରସ୍ତୁତ ଦ୍ରବ୍ୟକୁ ସହରାଞ୍ଚଳରେ ବିକ୍ରି ନିମନ୍ତେ ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପୁନମ୍ ଟି. ଗୁହା ଗୁରୁତ୍ୱରୋପ କରିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ମହିଳାମାନଙ୍କୁ ବ୍ୟବସାୟ ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ସମାବେଶରେ ଜିଲା ପରିଷଦ ଏକ୍‌ଜିକ୍ୟୁଟିଭ ଅଧିକାରୀ ଅମ୍ବର କୁମାର କର, ଓର୍‌ମାସ୍‌ର ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଉପସ୍ଥିତ ଥିଲେ।

## ଧାରଣାରେ ସଫେଇ କର୍ମଚାରୀ, ରାସ୍ତା ସଫାକଲେ କର୍ପୋରେଟର

**କଟକ ଅଫିସ,୧।୨**

ସିଏମ୍‌ସି ଅନ୍ତର୍ଗତ ୱାର୍ଡ ନଂ ୪୧ର ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଡାକରା ଦେଇ ଧାରଣାରେ ବସିଥିବାରୁ ରାସ୍ତାଘାଟ ଆବର୍ଜନାପୂର୍ଣ୍ଣ ହୋଇପଡ଼ିଥିଲା। ତେଣୁ ୪୧ ନମ୍ବର କର୍ପୋରେଟର ସ୍ୱର୍ଣ୍ଣଲତା ପଶାୟତ ନିଜ ସମର୍ଥକ ମମତା ମହାନ୍ତି, ଚିନ୍ମୟୀ ବେହେରା, ବରିଷ୍ଠ ନେତା ନିକୁଞ୍ଜ ପଶାୟତ ଓ ଅନ୍ୟ ବହୁ କର୍ମକର୍ତ୍ତାମାନଙ୍କୁ ନେଇ ଜୋବ୍ରା ଓ ତତ୍‌ସଂଲଗ୍ନ ରାସ୍ତାଘାଟ ନିଜେ ଝାଡୁ ମାରି ସଫା କରିଛନ୍ତି। ବୁଧବାର ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏନେଇ କର୍ପୋରେଟର କହିଛନ୍ତି ସଫେଇ କର୍ମଚାରୀମାନଙ୍କ ଦାବିକୁ ଆମେ ସମର୍ଥନ କରୁଛୁ। ହେଲେ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇ ଦାବି ମନାଇବା ସପକ୍ଷରେ ଆମେ ନାହୁଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେତେଦିନ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁରହିବ ସେତେଦିନ ପର୍ଯ୍ୟନ୍ତ ୱାର୍ଡର ସଫେଇ କାମ ସେ ଓ ତାଙ୍କ ସହଯୋଗୀମାନେ କରିଚାଲିବେ।



କଟକ କଳାବିକାଶ କେନ୍ଦ୍ରରେ ବୁଧବାର ଭୁବନେଶ୍ୱର କେଦାରଗୌରୀସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ନାଟକ 'ଭାସିଯା ମୋ' କାଗଜ ଡଙ୍ଗା'ର ଏକ ଦୃଶ୍ୟ।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଗୋରାକବର

**ପରିଦର୍ଶନ କଲେ ସିଏମ୍‌ସି ମେୟର, କମିଶନର**

**କଟକ ଅଫିସ,୧।୨**

କଟକ ଗୋରାକବରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠର ଉନ୍ନତୀକରଣ ପାଇଁ ସିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ବୁଧବାର ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ମଧୁସୂଦନଙ୍କ ସମାଧି ସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ହେବାକୁ ଥିବା ପ୍ରକଳ୍ପ ସମ୍ପର୍କରେ ସେମାନେ ଅନୁଧ୍ୟାନ କରିବା ସହ ଗୋରାକବର ସମାଧିପୀଠ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୪ରେ ମଧୁବାବୁଙ୍କ ଶ୍ରାଦ୍ଧ ଦିବସରେ ଏହି ପ୍ରକଳ୍ପର ଶୁଭ ଦିଆଯିବ ଏବଂ ୬ ମାସ ଭିତରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ମେୟର କହିଛନ୍ତି। ଏହି ପ୍ରକଳ୍ପ ପାଇଁ ୭୬ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଛନ୍ତି । ଦୁଇଟି ପର୍ଯ୍ୟାୟରେ ଏହି ଉନ୍ନତୀକରଣ କାର୍ଯ୍ୟ କରାଯିବ। ଫଳରେ ଉକ୍ତ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହି ପରିଦର୍ଶନବେଳେ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ବିକାଶ ରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ଓ ଡେପୁଟି କମିଶନରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ସେହିପରି କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ଓ ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ବୁଧବାର ଖାନ୍‌ନଗରଠାରେ ନିର୍ମାଣାଧୀନ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) କାର୍ଯ୍ୟ ତଦାରଖ କରିଥିଲେ। ଏଠାରେ ପ୍ରାୟ ୯୫ ଭାଗ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବାକି କାମ ତୁରନ୍ତ ଶେଷ କରିବା ପାଇଁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ସେଠାରେ ଏକ ସ୍ୱତନ୍ତ୍ର ଆହାର କେନ୍ଦ୍ର ଖୋଲିବା ପାଇଁ ଆଲୋଚନା ହୋଇଛି।

## ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ନାମଯଜ୍ଞ ମଣ୍ଡପରେ ସଂକୀର୍ତ୍ତନ ମଣ୍ଡଳୀ ମହାପୁରୁଷ ପ୍ରଦତ୍ତ ନାମ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୧।୨ (ସ୍ୱ.ପ୍ର.)**

**ପଦ୍ମବନରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ସ୍ୱନକ୍ଷତ୍ର ଉତ୍ସବ**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ଭବିଷ୍ୟ ମାଳିକାର ସ୍ରଷ୍ଟା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମହାପୁରୁଷଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଚନ୍ଦନ, ତୁଳସୀ ଲାଗି କରାଯାଇଥିଲା। ପରେ କଟକରୁ ଆସିଥିବା ମୁକୁଟ ଗାଦିରେ ଲାଗି ହୋଇଥିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ନୀତିକାନ୍ତି ସମାପନ ପରେ ସନ୍ଧ୍ୟାରେ ମହାଆଳତୀ ହୋଇଥିଲା। ମହାପ୍ରଭୁ ଗୋପୀନାଥଙ୍କର ମଧ୍ୟ ଯଥାବିଧି ଉପଚାର ପୂଜା ପରେ ନାମଯଜ୍ଞ ମଣ୍ଡପରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ଆରମ୍ଭ କରିଥିଲେ। ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଗାଦିଙ୍କ ସମ୍ମୁଖ ନାମଯଜ୍ଞ ମଣ୍ଡପରେ ମହାପୁରୁଷଙ୍କ ପ୍ରଦତ୍ତ ନାମ କରିଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପୁରୁଷଙ୍କ ଦର୍ଶନ ପାଇଁ ପୀଠରେ ପହଞ୍ଚିଛନ୍ତି। ଶ୍ରୀ ଶ୍ରୀଗୋପୀନାଥ ଜୀଉ ଟ୍ରଷ୍ଟବୋର୍ଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଟ୍ରଷ୍ଟି ତଥା ତହସିଲଦାର ଦିଲୀପ କୁମାର ନାୟକ, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଓ ନେମାଳ ଥାନା ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ



କାର୍ଯ୍ୟ ଚାଲିଛି। ପୀଠକୁ ଉଜ୍ଜଳ ଆଲୋକ ଓ ଫୁଲରେ ସଜା ଯାଇଛି। ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସହାୟତା କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ କଟକ ଜିଲା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ତିଳକଣା ପୀଠରେ ମହାପୁରୁଷଙ୍କ ଜନ୍ମ ଉତ୍ସବ ମଧ୍ୟ ପାଳିତ ହୋଇଛି। ତେବେ ପୀଠର ମହନ୍ତ ଗଗନାନନ୍ଦ ଗୋସ୍ୱାମୀଙ୍କୁ ପୀଠ ପ୍ରଶାସନିକ ଦାୟିତ୍ୱରୁ ପଦଚ୍ୟୁତ କରିବା ପରେ ତାଙ୍କ ଘରୋଇ ଆଶ୍ରମରେ ମହାପୁରୁଷଙ୍କ ଜନ୍ମ ଉତ୍ସବ, ରାସ ସଂକୀର୍ତ୍ତନ କରାଇଥିଲେ।

## ତାଲିକାରୁ ୨୪୮ ଜଣଙ୍କ ନାମ କଟିଲା

**ନିଶ୍ଚିନ୍ତକୋଇଲି, ୧।୨ (ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ବ୍ଲକ: ଆଶଙ୍କାରେ ଆବାସ ହିତାଧିକାରୀ**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାନଦଣ୍ଡ ପୂରଣ କରୁ ନ ଥିବା ଅନେକ ହିତାଧିକାରୀଙ୍କ ନାମ କଟିଯାଇଛି। ଲୋକଙ୍କ ଅଭିଯୋଗ ଆଧାରରେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଯୋଗ୍ୟ ତାଲିକାରୁ ବୁଧବାର ୨୪୮ ଜଣଙ୍କ ନାମକୁ କାଟି ଦିଆଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ୪୧ଟି ପଞ୍ଚାୟତରେ ଗ୍ରାମସଭା ଆହ୍ୱାନ କରାଯାଇଥିଲେ ମଧ୍ୟ ୨୯ ପଞ୍ଚାୟତରେ ଚୂଡାନ୍ତ ହିତାଧିକାରୀ ଚୟନ ତାଲିକାକୁ ମଞ୍ଜୁରୀ ମିଳିଛି। ଅବଶିଷ୍ଟ ୧୨ଟି ପଞ୍ଚାୟତରେ ଚୂଡାନ୍ତ ତାଲିକା ମିଳି ପାରି ନାହିଁ।

ସୂଚନା ଅନୁଯାୟୀ, କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ୧୭୩୪ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବେ ବୋଲି ତାଲିକା ପ୍ରସ୍ତୁତ ହୋଇଥିଲା। ଏହି ତାଲିକାକୁ ସାର୍ବଜନୀନ କରିବାକୁ ପଞ୍ଚାୟତରେ ହିତାଧିକାରୀଙ୍କ ନାମ ଲଟକା ଜାରି କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ୭୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ପରେ ଗ୍ରାମସଭା ମାଧ୍ୟମରେ ଏହାକୁ ପାରିତ କରିବାକୁ ବିଧିବଦ୍ଧ ଭାବେ ବ୍ଲକ ପ୍ରଶାସନ ବିଜ୍ଞପ୍ତି ଜାରି କରିଥିଲା। ୨୯ ପଞ୍ଚାୟତରେ ଗ୍ରାମସଭା ସଫଳତା ଭାବେ ମଞ୍ଜୁରୀ ଦେଇଥିବା ବେଳେ ୧୨ଟି ମଞ୍ଜୁରୀ ମିଳି ନ ଥିଲା। ପ୍ରଶାସନ ଅଯୋଗ୍ୟ ୨୪୮ ନାମ କାଟି ୧୪୮୨ ଯୋଗ୍ୟ ହିତାଧିକାରୀଙ୍କ ନାମ ଚୂଡାନ୍ତ କରିଛି। ହେଲେ ଜିଲାପାଳଙ୍କ ଅନୁମତି ମିଳି ନ ଥିବାରୁ ବ୍ଲକ ପ୍ରଶାସନ ଏହାକୁ ଘୋଷଣା କରିପାରୁ ନ ଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ତେବେ ଦୀର୍ଘ ୩ରୁ ୪ ବର୍ଷ ହେବ ଏହି ବ୍ଲକରେ ଆବାସ ଯୋଜନାରୁ କେହି ଜଣେ ବି ହିତାଧିକାରୀ ଉପକୃତ ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ହିତାଧିକାରୀ ଚୟନକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ସରକାରଙ୍କ ଯାହା ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଆଇଆଇସିଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**ମାହାଙ୍ଗା:୧।୨(ସ୍ୱ.ପ୍ର.)**

**ବିଦ୍ୟାଳୟ ପରିସରରେ ପାଣିଟାଙ୍କି ନିର୍ମାଣକୁ ଛାତ୍ରୀଛାତ୍ରଙ୍କ ବିରୋଧ**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଚ୍ଚ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ କରାଯାଉଛି। ବିଦ୍ୟାଳୟ ପ୍ରତି ବିପଦ ରହିଥିବା ନେଇ ଛାତ୍ରୀଛାତ୍ରମାନେ ଏହାକୁ ଘୋର ବିରୋଧ କରିବା ସହ ବିଦ୍ୟାଳୟ ସମ୍ମୁଖରେ ୨ ଦିନ ଧରି ଧାରଣା ଦେଇ ପ୍ରତିବାଦ କରିଥିଲେ। ବୁଧବାର ବିଦ୍ୟାଳୟରେ ପାଠ ପଢା ବନ୍ଦ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରପାଇ ସିଆର୍‌ସିସି ଭାସ୍କର ଚନ୍ଦ୍ର ସାହୁ ଓ ଆଇଆଇସି ବିଜୟ କୁମାର ମଲିକ ଘଟଣାସ୍ଥଳକୁ ଯାଇ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ପାଣି ଟାଙ୍କି ନିର୍ମାଣକୁ ବନ୍ଦ କରିବାକୁ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାଥ ଓ ମେଗା ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

**କଟକ ଅଫିସ, ୧।୨**

**ପ୍ରସୂତିଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**

ବାଣପୁର ଅଞ୍ଚଳର ଜଣେ ପ୍ରସୂତି ମହିଳାଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏଥିରେ ଆବେଦନକାରୀଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ସମ୍ପୃକ୍ତା ମହିଳା ଅନ୍ୟ ଜଣେ ଏଚ୍‌ଆଇଭି ଆକ୍ରାନ୍ତ ପୁରୁଷଙ୍କୁ ୨୦୧୩ ଜୁଲାଇ ୨୧ରେ ବିବାହ କରି ଏକାଠି ରହୁଥିବା ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟ ଗତ ଶୁଣାଣିରେ ଆବେଦନକାରୀଙ୍କୁ ପୀଡ଼ିତାଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ. ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ମାର୍ଚ୍ଚ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ସମ୍ପୃକ୍ତା ମହିଳା ୨୦୧୧ ନଭେମ୍ବରରେ ପ୍ରସବ କରିବା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅସୁସ୍ଥତା ଦେଖାଦେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ସେ ଏଚ୍‌ଆଇଭି ସଂକ୍ରମିତ ହୋଇଥିବା ଜଣାପଡିଥିଲା। ଏଥିସହ ତାଙ୍କ ନବଜାତ କନ୍ୟାଟି ବି ମୃତ୍ୟୁବରଣ କରିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ପ୍ରାର୍ଥନା କରାଯାଇଥିଲା। ଏଥିସହ ଲୋକମାନେ ଯେପରି ଭଲ ରକ୍ତ ପାଇବେ ଓ ଏଚ୍‌ଆଇଭି ସଂକ୍ରମଣର ଶିକାର ନ ହେବେ, ସେଥିପାଇଁ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ (ପିସିଆର) କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଯାହାଫଳରେ ଉଇଣ୍ଡୋ ପିରିୟଡ୍ କୁହାଯାଉଥିବା ଅବଧି, ଯାହାକି ରୋଗୀଙ୍କୁ ସଂକ୍ରମଣ ହେବା ପୂର୍ବରୁ ରକ୍ତ ସଂକ୍ରମିତ ହୋଇଛି କି ନାହିଁ ଜଣାପଡ଼ିଯିବ। ଯଦ୍ୱାରା ରୋଗୀଙ୍କୁ ନିରାପଦ ରକ୍ତ ଦିଆଯାଇପାରିବ ବୋଲି ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଆବେଦନରେ ଦର୍ଶାଇଥିଲେ।

## ସିଏମ୍‌ସି ପକ୍ଷରୁ ୨୦ ଦୋକାନରେ ଚଢ଼ାଉ

**କଟକ ଅଫିସ,୧।୨**

- ୬ ବ୍ୟବସାୟୀଙ୍କୁ ଜରିମାନା
- ୧୫ ପର୍ଯ୍ୟନ୍ତ ଚାଲିବ ଯାଞ୍ଚ ପ୍ରକ୍ରିୟା

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବୁଧବାରଠାରୁ ସହରରେ ଖାଦ୍ୟର ମାନ ଯାଞ୍ଚ ପାଇଁ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଦୋଳମୁଣ୍ଡାଇ ଓ ବଜ୍ରକବାଟିରେ ଥିବା ହୋଟେଲ, ଜଳଖିଆ ଦୋକାନ ଓ ମିଷ୍ଟାନ୍ନ ଭଣ୍ଡାରରେ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ମୋଟ ୨୦ଟି ଦୋକାନରେ ଚଢଉ କରାଯାଇଥିବାବେଳେ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ୬ ଜଣଙ୍କଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ସେମାନଙ୍କୁ କାରଣ ଦର୍ଶାଇବା ପାଇଁ ୩ ଦିନ ସମୟ ଦିଆଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ



ବଜ୍ରକବାଟୀ ରୋଡ୍‌ରେ ଥିବା ଏକ ରେଷ୍ଟୁରାଣ୍ଟରେ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

ସତ୍ୟବ୍ରତ ମହାପାତ୍ର ଏହି ଚଢାଉର ନେତୃତ୍ୱ ନେଇଥିଲେ। ବିଶେଷକରି ଖୋଲା ସ୍ଥାନରେ ରଖାଯାଇଥିବା ମିଠା, ମିଠା ପ୍ରସ୍ତୁତ ରୋଷେଇ ଘର ଅପରିଷ୍କାର ଥିବା ଓ ଖାଦ୍ୟ ବିକ୍ରି ପାଇଁ ଉଦ୍ଦିଷ୍ଟ ଲାଇସେନ୍ସର ଅବଧି ଶେଷ ହୋଇଯାଇଥିବାରୁ ଉକ୍ତ ୬ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସହରରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହାକୁ ରୋକିବା ପାଇଁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ୪ ଜଣିଆ ଯାଞ୍ଚ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଥିବା ଦୋକାନରେ ଚଢାଉ କରି ଖାଦ୍ୟର ମାନ ଯାଞ୍ଚ କରିବ। ଏହି ସମୟରେ ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।

**ରାଜ୍ୟ ବିଦ୍ୟାଳୟସ୍ତରୀୟ ଥ୍ରୋ ବଲ୍: ପୁରୀ ଚାମ୍ପିୟନ**

ପୁରୀ ଅଫିସ, ୧୨:ରାଜ୍ୟ ବିଦ୍ୟାଳୟସ୍ତରୀୟ ଥ୍ରୋ ବଲ୍ ପ୍ରତିଯୋଗିତା ବୁଧବାର ଢେଙ୍କାନାଳ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡ଼ିୟମରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିଥିଲା। ଏଥିରେ ୧୭ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ ପୁରୀ ଅଂଶଗ୍ରହଣ କରିଥିଲା। ଉଭୟ ବର୍ଗରେ ପୁରୀ ଟିମ୍ ଢେଙ୍କାନାଳକୁ ୨-୧ ସେଟରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ ଦଳ ୨-୧ ସେଟ୍‌ରେ ଢେଙ୍କାନାଳକୁ ହରାଇ ପ୍ରଥମ ସ୍ଥାନ ହାସଲ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୨।୨୦୨୩

| ୪,୯୨,୮୫୭ ଟଙ୍କା | |
|---|---|
| ସୁନା | ୧୩.୪୦୦ ଗ୍ରାମ |
| ରୁପା | ୪୮.୩୫୦ ଗ୍ରାମ୍ |

# ଥାନା ଗାଡ଼ି ଅଚଳ, ଭଡ଼ାରେ ଲାଗୁଛି ବେସରକାରୀ ଯାନ

**ଗୋପ,୧।୨(ଡି.ଏନ୍.ଏ.)**



ଗୋପ ଥାନା ବ୍ରିଟିଶ୍ ଶାସନ ସମୟରେ ୧୮୦୬ ମସିହାରେ ସ୍ଥାପନ କରାଯାଇଥିଲା। ଏହି ଥାନା ଅଧୀନରେ ଗୋଟିଏ ଫାଣ୍ଡି ଏବଂ ଗୋଟିଏ ବିଟ୍ କେନ୍ଦ୍ର ରହିଛି। ମାତ୍ର ଏହି ଥାନା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏହି ଥାନା ଅଧୀନରେ ୨ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଶତାଧିକ ଗାଁ ରହିଛି। ମାତ୍ର କିଛି ଦିନ ଧରି ଏହି ଗୋପ ଥାନା ଗାଡ଼ିଟି ଅଚଳ ହୋଇ ଥିବାବେଳେ ବେସରକାରୀ ଗାଡ଼ି ଭଡ଼ାରେ ଲାଗିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ଅଞ୍ଚଳରେ ପ୍ରତ୍ୟେକ ଦିନ ଚୋରି, ଡକାୟତି, ହିଂସା, ରାହାଜାନି ସହିତ ଅନ୍ୟାନ୍ୟ ଘଟଣାମାନ ଘଟିଥାଏ। ପ୍ରତ୍ୟେକ ସମୟରେ ଥାନା ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ସ୍ଥାନକୁ ଯା'ଆସ କରିଥାନ୍ତି। କିନ୍ତୁ କିଛି ଦିନ ହେବ ଥାନା ଗାଡ଼ିଟି ଅଚଳ ହୋଇ ପଡ଼ିଛି। ଥାନା ଅଧିକାରୀ ଏବେ ଥାନା କାର୍ଯ୍ୟ ଚଳାଇବାକୁ ଗୋଟିଏ ବେସରକାରୀ ଗାଡ଼ିରେ ବିଭିନ୍ନ ଅପରାଧୀ ନେବା ଆଣିବା ସହିତ ଅନ୍ୟାନ୍ୟ କାମ କରୁଥିବା ଦେଖିବାକୁ ମିଳିଛି। ପୁରୀ ଜିଲା ଏସ୍‌ପି ଗୋପ ଥାନାକୁ ତୁରନ୍ତ ଗୋଟିଏ ନୂଆ ଗାଡ଼ି ଦେବାକୁ ଦାବି କରାଯିବା ସହିତ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଅନୁରୋଧ କରାଯାଇଛି। ଏନେଇ ଥାନା ଅଧିକାରୀ ସୁନିଲ ପ୍ରଧାନଙ୍କୁ ପଚାରିବାରେ, ଗାଡ଼ି ଅଚଳ ହେବା ନେଇ ଜିଲା ଏସ୍‌ପିଙ୍କୁ ଅବଗତ କରାଯାଇଛି ବୋଲି କହିଥିଲେ।

# ବାକି ନ ଦେବାରୁ ଦୋକାନୀଙ୍କୁ ଆକ୍ରମଣ

**ନିମାପଡ଼ା,୧।୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ବୁଧେଇ ଛକଠାରେ ଥିବା ଜଣେ ପାନ ଦୋକାନୀ ଓ ତାଙ୍କ ସ୍ତ୍ରୀଙ୍କୁ ଜଣେ ଗ୍ରାହକ ମାଡ଼ ମାରି ଦୁର୍ବ୍ୟବହାର ପ୍ରଦର୍ଶନ କରି ବିଭିନ୍ନ ଧମକଚମକ ଦେଇଥିବା ଦୋକାନୀ ବିରଞ୍ଚି ଦାସ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଗ୍ରାହକ ବବୁ ଜେନା, ବାପା ବାବୁ ଜେନା, ମା' କୁନ୍ତି ଜେନା ଆଦି ୩ଜଣଙ୍କ ବିରୋଧରେ ଏକ ମାମଲା (ନଂ୨୫/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଉଛି। ଖବର ନେବାରେ ଜଣାପଡ଼ିଛି, ସୋମବାର ସନ୍ଧ୍ୟାରେ ବୁଧେଇ ଗ୍ରାମର ବବୁ ଗ୍ରାମ ଛକଠାରେ ଥିବା ବିରଞ୍ଚିଙ୍କ ପାନ ଦୋକାନକୁ ଯାଇ ବାକିରେ ଗୁଟ୍‌ଖା ମାଗିଥିଲେ। ସନ୍ଧ୍ୟାରେ ସେ ଧୂପ ଦେଉଛନ୍ତି, ବାକି ଦେଇପାରିବେନି। ପଇସା ଦେବାକୁ କହିବାରୁ ବବୁ କ୍ରୋଧାନ୍ୱିତ ହୋଇ ବିରଞ୍ଚିଙ୍କୁ ଖରାପ ଭାଷାରେ ଗାଳିଗୁଲଜ ସହ ଦୋକାନରୁ ଭିଡି ନେଇ ମାଡ଼ ମାରିଥିଲେ। ତାଙ୍କ ଦୋକାନକୁ ପୋଡ଼ି ଦେବେ ବୋଲି ଧମକଚମକ ଦେଇଥିଲେ। ବିରଞ୍ଚିଙ୍କ ପାଟି ଶୁଣି ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ବବୁଙ୍କ ମା' ବାପା ସେଠାରେ ପହଞ୍ଚି ସଂଘବଦ୍ଧ ଭାବେ ବିରଞ୍ଚି ଏବଂ ତାଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ବିରଞ୍ଚି ଅଭିଯୋଗରେ ଦର୍ଶାଇଛନ୍ତି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରୁପା ଆଣ୍ଡ ଟ୍ରୁପ୍‌ସର ନୃତ୍ୟ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ପୁରୀ ଅଫିସ, ୧୨:**

- ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତାଙ୍କ ମା'
- ଅଭିଯୋଗ ଆଣି ନ୍ୟାୟ ମାଗିଲେ

ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଓ ପିପିଲି ଏସ୍‌ଡିପିଓ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ଆଣି ପୀଡ଼ିତା ନାବାଳିକାଙ୍କ ମା' ଏବଂ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏସ୍‌ପିଙ୍କୁ ଦାବିପତ୍ର ଦେଇଛି। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଜଣେ ନାବାଳିକା ଛାତ୍ରୀ ଗତ ଡିସେମ୍ବର ୧୨ରେ କଲେଜକୁ ତାଙ୍କ ଆଡ୍‌ମିଟ୍ କାର୍ଡ ଆଣିବାକୁ ଯାଇଥିଲେ। ତେବେ ବାଟରେ ଅଭିଯୁକ୍ତ ମୋହନ ମାଝି ତାଙ୍କ ମୁହଁରେ ଏସିଡ୍ ପକାଇବାକୁ ଧମକ ଦେଇ ଜୋରଜବରଦସ୍ତି ସେଠାରୁ ଉଠାଇ ନେଇଥିଲେ। ୬ଦିନ ବିଭିନ୍ନ ସ୍ଥାନରେ ରଖି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏନେଇ ପୀଡ଼ିତାଙ୍କ ମା' ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ୬ ଦିନ ପରେ ପୋଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଥାନା ଏସ୍‌ଆଇ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରିଥିଲେ। ପରେ ଏ ନେଇ ହାଇକୋର୍ଟ ଓକିଲଙ୍କ ଦ୍ୱାରା ଏକ ନୋଟିସ୍ ପୁରୀ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ପିପିଲି ଏସ୍‌ଡିପିଓଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏସ୍‌ଡିପିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ଅଭିଯୁକ୍ତ ନିର୍ଭୟରେ ବାହାରେ ବୁଲିବା ସହ ଧମକ ଦେଉଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସଙ୍ଗଠନ ଦାବି କରିଛି। ଯଦି ପୀଡ଼ିତାଙ୍କୁ ନ୍ୟାୟ ନ ମିଳେ ତେବେ ରାସ୍ତାକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି। ବିକ୍ଷୋଭରେ ପୀଡ଼ିତାଙ୍କ ମା'ଙ୍କ ସମେତ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ରାଷ୍ଟ୍ରୀୟ ସଭାପତି ଡ. ଅଭିନ୍ନ ହୋତା, ଜିଲା ସଭାପତି ଗୌରୀଶଙ୍କର ସିଂହାରୀ, ସାଧାରଣ ସମ୍ପାଦକ ଅଜିତ୍ ସାମନ୍ତରାୟ, ସମ୍ପାଦିକା ଡ. ଅନୁଲ୍ଲା ଏବଂ ମହାବୀର ସେବା ଓଡ଼ିଶା ଶାଖାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଣି ପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟିତ

**ପୁରୀ ଅଫିସ, ୧୨:**

ଜଳର ଉପଯୁକ୍ତ ପରିଚାଳନା ଓ ସୁବିନିଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ପାଣି ପଞ୍ଚାୟତ ବୁଲି ସଦସ୍ୟ ଓ କୃଷକଙ୍କୁ ପାଣିର ଉପଯୋଗ ସମ୍ପର୍କରେ ସଚେତନ କରିବ। ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ଆୟୋଜନ ହୋଇଛି। ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳ ସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ପରିପ୍ରେକ୍ଷୀରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଥାଏ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଉପନିର୍ବାହୀ ଯନ୍ତ୍ରୀ ଭାଗବତ ମଲ୍ଲିକ, ପ୍ରଦୀପ କୁମାର ପାତ୍ର, ସନାତନ ପ୍ରଧାନ, ତନୁଜ କୁମାର ରାଉତ, ହିମାଂଶୁ ଶେଖର ଜେନା, ଶତାବ୍ଦୀ ଚୌଧୁରୀ, ସହକାରୀ ଯନ୍ତ୍ରୀ ଦୁର୍ଗାମାଧବ ମିଶ୍ର, ଶିଶିରକାନ୍ତ ସାହୁ, ବିଜୟ କୁମାର ମିଶ୍ର, ବିଚିତ୍ରାନନ୍ଦ ମାଝି ଏବଂ ସୁଶାନ୍ତ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲକାରୀଙ୍କୁ ହଟାଇଲା ପ୍ରଶାସନ

**ଡେଲାଙ୍ଗ,୧।୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ରେଙ୍ଗଳ ପଞ୍ଚାୟତରେ ବୁଧବାର ଜବଦଖଲ ଉଚ୍ଛେଦ ହୋଇଛି। ସୂଚନା ଅନୁଯାୟୀ, ହରିରାଜପୁର ଆର.ଆଇ ସର୍କଲର ରେଙ୍ଗଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମେଳଣ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାକୁ କେତେକ ଲୋକେ ଅବୈଧ ଭାବରେ ଜବରଦଖଲ କରି ଦୋକାନ ଘର ଓ ବାସଗୃହ ନିର୍ମାଣ କରିଥିଲେ। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁ ଯାତାୟତରେ ସମସ୍ୟା ଉପୁଜିବାରୁ ରେଙ୍ଗଳ ଗ୍ରାମ୍ୟ କମିଟି ସରପଞ୍ଚଙ୍କ ନିକଟରେ ସମସ୍ୟା ସମାଧାନ କରିବା ପାଇଁ ନିବେଦନ କରିଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ସାଗରିକା ବଡ଼ଜେନା ସମସ୍ୟା ସମାଧାନ ପାଇଁ ପୁରୀ ଜିଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବହୁ ବର୍ଷ ଧରି ଏହି ସରକାରୀ ଜାଗାକୁ ୧୬ ଜଣ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ପାଇ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଉଚ୍ଛେଦ ପାଇଁ ଡିସେମ୍ବରରେ ନୋଟିସ ଜାରି କରାଯାଇଥିଲା। ଉକ୍ତ ନୋଟିସର ଅବଧି ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଥିଲା ବୋଲି ସ୍ଥାନୀୟ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା ସୂଚନା ଦେଇଛନ୍ତି। ତେବେ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ତହସିଲଦାର ପରିଡ଼ା, ଆଡିସିନାଲ ତହସିଲଦାର ରଞ୍ଜନ ନାୟକ, ହରିରାଜପୁର ଆର୍‌ଆଇ ସତ୍ୟବ୍ରତ ମହାପାତ୍ର, ରେଭିନ୍ୟୁ ସୁପର ଭାଇଜର ବିରଞ୍ଚି ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତି, ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ, ଏଏସ୍‌ଆଇ ଗୋପବନ୍ଧୁ ରାଉତଙ୍କ ସମେତ ଏକ ପ୍ଲାଟୁନ ପୋଲିସଫୋର୍ସ ମୁତୟନ ହୋଇଥିଲା। ରାସ୍ତାକୁ ମାଡ଼ି ନିର୍ମାଣ କରାଯାଇଥିବା ଘର ଓ ଦୋକାନ ଗୃହ ଗୁଡିକୁ ଜେସିବି ମେସିନ ସାହାଯ୍ୟରେ ଭଙ୍ଗାଯାଇଥିଲା।

# ଇ-ସଞ୍ଜୀବନୀ କ୍ଷେତ୍ରରେ ଗୋପ ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରିଣୀ ପ୍ରଥମ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଜସ୍ମିନ ଆଫ୍ରୋଜଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଗୋପ,୧।୨(ଡି.ଏନ୍.ଏ.)**

'ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ମୋର ବ୍ରତ। କାହିଁକିନା ଡାକ୍ତରଙ୍କୁ ରୋଗୀମାନେ ଭଗବାନ୍ ବୋଲି ଭାବିଥା'ନ୍ତି। ସେମାନଙ୍କୁ ଆମେ ଚିକିତ୍ସା କରିବା ଆମର କର୍ତ୍ତବ୍ୟ'। ବୁଧବାର ପୁରୀ ଜିଲାରେ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ପଛରେ ପକାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଜସ୍ମିନ ଆଫ୍ରୋଜ ଅନ୍‌ଲାଇନ ପଞ୍ଜୀକରଣ (ଇ-ସଞ୍ଜୀବନୀ) ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅବସରରେ ଏହା କହିଛନ୍ତି। ପ୍ରକାଶ ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଅନ୍‌ଲାଇନ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ରୋଗର ପୀଡିତଙ୍କୁ ଅନ୍‌ଲାଇନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେବା ଯୋଗାଇ ଦେଇଥାଆନ୍ତି। ପୁରୀ ଜିଲାର ୧୧ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଏହି ଅନ୍‌ଲାଇନ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନେଇ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସେବା ଯୋଗାଇଥିଲେ। ସ୍ୱାସ୍ଥ୍ୟ ଅଧିକାରିଣୀ ଡ. ଆଫ୍ରୋଜଙ୍କ ସଫଳତା ନେଇ ତାଙ୍କୁ ଜିଲା ଚିକିତ୍ସାଧିକାରୀ ସୁଜାତା ମିଶ୍ର ମାନପତ୍ର ଓ କପ୍ ଦେଇ ପୁରସ୍କୃତ କରିଛନ୍ତି। ସେହିପରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଶୋରଭା ଉପସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଭାରତ ଯୋଜନା ସ୍ୱାସ୍ଥ୍ୟ ଆଇଡି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏହି କେନ୍ଦ୍ରର ଆଶାକର୍ମୀ ପ୍ରଥମ ହୋଇ ମାନପତ୍ର ସିଲ୍ ପାଇଛନ୍ତି। କାର୍ଯ୍ୟକ୍ରମରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ କୃତିବିଭା ମହାନ୍ତି, ବିଡିମ ଶୌଭାଗିନୀ ସାହୁ, ଶୁଶାନ୍ତ ରାଉତ, ରାଜେଶ ପାଇକରାୟ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ବିଷ୍ଣୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ, ୧୨:**

ବିଜେବି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବିଷ୍ଣୁ ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପୁରୀ ସର୍ବୋଦୟ ନଗର ଉନ୍ନୟନ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧକ୍ଷତା କରିଥିଲେ। ପ୍ରଫେସର ଉପେନ୍ଦ୍ର ନାୟକ, ନରେନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ମିଶ୍ର, ବୁଦ୍ଧଦେବ ମହାପାତ୍ର, ବିଧାନ ଦାସ, କୃପାସିନ୍ଧୁ ରାଉତରାୟ, ଭଗବାନ ଦାସ, ଅଶୋକ କୁମାର କର, ସାରଦା ରାଉତରା, ରମେଶ ଚନ୍ଦ୍ର ରଥ, ଶ୍ୟାମସୁନ୍ଦର ଭୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନ ଚର୍ଯ୍ୟା ଓ ସାମାଜିକ ଚଳନି ସମ୍ପର୍କରେ ଆଲୋକପାତ କରିଥିଲେ । ଏକାଧାରରେ ସେ ସମାଜସେବୀ, ପରୋପକାରୀ, ଆଧ୍ୟାତ୍ମିକବାଦୀ ଓ ସୁପ୍ରଶାସକ ଥିଲେ । ତାଙ୍କ ସମୟରେ ସର୍ବୋଦୟ ନଗରର ବହୁବିଧ ବିକାଶ ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା। ତାଙ୍କର ପୁତ୍ର ସୌମ୍ୟ ଦେବାଶିଷ ଦାସ, ଝିଅ ପ୍ରଜ୍ଞା ଦାସ, ଚନ୍ଦନ ପଣ୍ଡା, ପ୍ରମିଳା ଦାସ, ପ୍ରଭାତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାମହରି ଦାସ ଗୁରୁକୁଳର ୧୦ମ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ସାକ୍ଷୀଗୋପାଳ,୧।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ବୀରଗୋବିନ୍ଦପୁର ବଡ଼ହାଟ ଗ୍ରାମରେ ବୁଧବାର ରାମହରି ଦାସ ଓଡ଼ିଶୀ ଗୁରୁକୁଳର ୧୦ମ ପ୍ରତିଷ୍ଠା ଓ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଅମିୟ ପଟ୍ଟନାୟକ, ବିଶିଷ୍ଟ ଓଡ଼ିଶୀ ବୀଣା ଗୁରୁ ପଣ୍ଡିତ କେ. ରାମାରାଓ ପାତ୍ର, ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀ ଅସୀମ ବେହେରା ପ୍ରମୁଖ ଯୋଗଦେଇଥିଲେ। କଳା ହେଉଛି ମଣିଷର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କଳାକାରଙ୍କ କଳାଚାତୁରି ଦ୍ୱାରା ଦୁଃଖର ସରହଦରୁ ବାହାରି ମଣିଷ କିଛି ସମୟ ଖୁସି ଅନୁଭବ କରିଥାଏ, ଯାହା ଅନ୍ୟ କୌଣସି ଉପାୟରେ ପାଇବା ସମ୍ଭବ ନୁହେଁ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁକୁଳ ପ୍ରତିଷ୍ଠାତା ଗୁରୁ ପଣ୍ଡିତ ରାମହରି ଦାସ ମଞ୍ଚରେ ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁକୁଳ ବିଦ୍ୟାର୍ଥୀଙ୍କ ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ମର୍ଦ୍ଦଳ, ଓଡ଼ିଶୀ ନୃତ୍ୟରେ ଦର୍ଶକ ଝୁମିବାକୁ ଲାଗିଥିଲେ। ଗୁରୁକୁଳ ଅଭିଭାବକ, ଗୁରୁ, ବିଦ୍ୟାର୍ଥୀ ଏବଂ ଅନ୍ୟ କଳାନୁରାଗୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଗୁରୁକୁଳ ଅଧକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ ଗୁରୁକୁଳ ବିଦ୍ୟାର୍ଥୀଙ୍କ ପ୍ରତିଭା ଓ ସଫଳତା ଉପରେ ସୂଚନା ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସାକ୍ଷୀଗୋପାଳଙ୍କ ଗଜ ଉଦ୍ଧାରଣ ବେଶ

ସାକ୍ଷୀଗୋପାଳ,୧।୨(ସ୍ୱ.ପ୍ର./ଡି.ଏନ୍.ଏ.): ମାଘମାସ ବଡ଼ ଏକାଦଶୀ ତିଥି ବୁଧବାର ରାତିରେ ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାଧୂପ ବେଶ, ଏକାଦଶୀ ବେଢ଼ା, ଜାତଭୋଗ, ସନ୍ଧ୍ୟାଧୂପ, ଆଳତି ପରେ ବଡ଼ ସିଂହାର ବେଶରେ ରତ୍ନ ସିଂହାସନ ଉପରେ ଠାକୁରଙ୍କୁ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଥିଲା। ଠାକୁରଙ୍କ ଛନ୍ଦାଚରଣକୁ ଲୁଚାଇ ଦିଆଯାଇ ସୋଲରେ ତିଆରି ଖଞ୍ଜାପୟର, ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରଣ କରିଥିଲେ। ଗରୁଡ଼ ପୃଷ୍ଠରେ ସାକ୍ଷୀଗୋପାଳ ବିରାଜମାନ କରିଥିବାବେଳେ କୁମ୍ଭୀର ଆକ୍ରମଣରୁ ଗଜରାଜକୁ ଉଦ୍ଧାର କରିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ବେଶ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଠାକୁରଙ୍କ ବେଶ ଦର୍ଶନ ପରେ ପ୍ରସାଦ ବଣ୍ଟନ କରାଯାଇଥିଲା। ପରମ୍ପରାକ୍ରମେ ପ୍ରତିବର୍ଷ ପୁରୁଷାନୁକ୍ରମେ ଡେଲାଙ୍ଗ ବ୍ଲକ ପାଣିଓରା ଗ୍ରାମର ସ୍ୱର୍ଗତ ବଂଶୀଧର ସାହୁଙ୍କ ପରିବାର ପକ୍ଷରୁ ଏହି ବେଶ କରାଯାଉଛି।

### ଏକତା ମଞ୍ଚର ବୈଠକ

କୋଣାର୍କ,୧।୨(ଡି.ଏନ୍.ଏ.): ମା' ଭଗବତୀ ପୀଠରେ ବୁଧବାର ଗୋପ ବ୍ଲକ ସରପଞ୍ଚ ଏକତା ମଞ୍ଚର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ତଥା ବଉଲାଙ୍ଗ ସରପଞ୍ଚ ନରହରି ଦଳାଇ ସଭାପତିତ୍ୱ କରିଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଉପରେ ନିର୍ବାଚିତ ଜନପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କାର୍ଯ୍ୟ ପାଇଁ ହେଉଥିବା ଅସୁବିଧାକୁ ସାମୂହିକ ପ୍ରଚେଷ୍ଟାରେ ଦୂର କରିବାକୁ ଆହ୍ୱାନ କରାଯାଇଥିଲା। ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଅସୁବିଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସାମୂହିକ ଲଢେଇ ଜାରି ରଖିବା ପାଇଁ ଗୋପ ବ୍ଲକର ୨୮ଟି ପଞ୍ଚାୟତର ସରପଞ୍ଚମାନେ ମା' ଭଗବତୀଙ୍କ ପୀଠରେ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ଉପେନ୍ଦ୍ର କାନୁନ୍‌ଗୋ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବିଦ୍ୟାଧରପୁର ପଞ୍ଚାୟତ, ସଦର ବ୍ଲକର ବାଲିପୁଟ, ନିମାପଡ଼ା ବଳଙ୍ଗାର ସରପଞ୍ଚମାନେ ଉପସ୍ଥିତ ଥିଲେ। ନରହରି ଦଳେଇ, ଉପେନ୍ଦ୍ର କାନୁନଗୋ, ମହେଶ୍ୱର ସ୍ୱାଇଁ, ରଞ୍ଜନ ନାୟକ, ବିଶ୍ୱଜିତ ସ୍ୱାଇଁ, ସୁଶାନ୍ତ ପରିଡ଼ା ଓ ଜଗବନ୍ଧୁ ବିଶାଳ ପ୍ରମୁଖ ୭ଜଣ ସରପଞ୍ଚଙ୍କୁ ନେଇ ଏକତା ମଞ୍ଚର କୋର କମିଟି ଗଠନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁତନ ପଞ୍ଚାୟତର ରମା ବେହେରା ଓ ମହଲପଡ଼ା ପଞ୍ଚାୟତର ଶୀର୍ଷ ରଞ୍ଜନ ନାୟକ ପରିଚାଳନା କରିଥିଲେ।

# 'ମୁକ୍ତା ଯୋଜନାରେ ବିକାଶ କାର୍ଯ୍ୟର ସଫଳ ରୂପାୟନ ହେବ'

**ନିମାପଡ଼ା,୧।୨(ଡି.ଏନ୍.ଏ.)**



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

ନିମାପଡ଼ା ଏନ୍‌ଏସିରେ ମୁଖ୍ୟମନ୍ତ୍ରୀଙ୍କ ମୁକ୍ତା ଯୋଜନାରେ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ ହେବ। ଏନ୍‌ଏସିରେ ବହୁବିଧ ଉନ୍ନୟନ କାର୍ଯ୍ୟ ମୁକ୍ତା ଯୋଜନାରେ କରାଯିବ। ବିଭିନ୍ନ କାମର କାର୍ଯ୍ୟାଦେଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯିବ। ଏନ୍‌ଏସି ପକ୍ଷରୁ ସ୍ଥାନୀୟ ଟାଉନହଲ୍‌ଠାରେ ଆୟୋଜିତ କାର୍ଯ୍ୟାଦେଶ ବଣ୍ଟନ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ମହିଳା ଗୋଷ୍ଠୀମାନେ କାର୍ଯ୍ୟ କଲେ ବିକାଶମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଆସିବ ବୋଲି ମନ୍ତ୍ରୀ କହିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ସନାତନ ପ୍ରଧାନ, ଗୋଷ୍ଠୀ ସଂଗଠକ ସିପ୍ରାରାଣୀ ସାହୁ, ସିଟି ମିଶନ ମ୍ୟାନେଜର (ସିଏମ୍‌ଏମ୍) ଶୁଭ୍ରଜିତ୍ ସେନାପତି, ମୁକ୍ତା ବିଭାଗ ମୁଖ୍ୟଯନ୍ତ୍ରୀ ରିତିକେଶ ରୁତୁପର୍ଣ୍ଣା ନାୟକ, ପ୍ରୋଗ୍ରାମ କୋଅର୍ଡିନେଟର ରୋହନ ରାକେଶ ରାୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, କାଉନସିଲର ଅନୁସୟା ପାଣି ଓ ଧନୁର୍ଦ୍ଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଯୋଜନାରେ ମୋଟ ୧ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୬ଟି ପ୍ରୋଜେକ୍ଟ ମଧ୍ୟରୁ ୧୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯ଟି ପ୍ରୋଜେକ୍ଟର କାର୍ଯ୍ୟାଦେଶ ଦିଆଯାଇଛି। ମନ୍ତ୍ରୀ ଦାଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଯୋଜନାରେ ମୁଖ୍ୟତଃ ଭେଣ୍ଡିଂ ଜୋନ୍ ନିର୍ମାଣ, ମିଶନ ଶକ୍ତି ଗୃହ, ମିନି ପାର୍କ ନିର୍ମାଣ ପ୍ରଭୃତି ବିଭିନ୍ନ କାର୍ଯ୍ୟ କରାଯିବ। ସମାରୋହରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨ଶହ ମହିଳା ଯୋଗ ଦେଇଥିଲେ।

# ମନ ମୋହିଲା ସମରକଳା, ପାରମ୍ପରିକ ନୃତ୍ୟ

## ଶ୍ରୀକ୍ଷେତ୍ର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ପୁରୀ ଅଫିସ, ୧୨:**





ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ, ଜାଗା ଆଖଡ଼ା କମିଟି ଏବଂ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ମହୋତ୍ସବର ବୁଧବାର ଚତୁର୍ଥ ସନ୍ଧ୍ୟାରେ ବିଭିନ୍ନ ସମର କଳା ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରି ସମସ୍ତଙ୍କୁ ଏକତ୍ର କରିବା ସହ ଭାଇଚାରା ପ୍ରତିଷ୍ଠା ହିଁ ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଚକ୍ରଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଣ୍ଡେଇବେଣ୍ଟ ସାହି ଆଖଡ଼ା ସଭାପତି ନାରାୟଣ ମହାପାତ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ବାଲିସାହି ଆଖଡ଼ା ସଭାପତି ତଳଛୁ ନୀଳକଣ୍ଠ ମହାପାତ୍ର, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମହୋତ୍ସବ କମିଟି ଯୁଗ୍ମ ସମ୍ପାଦକ ଅନନ୍ତ ତିଆଡ଼ି, ବରିଷ୍ଠ ସଦସ୍ୟ ନରେନ୍ଦ୍ର କୁମାର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଚନ୍ଦନ ପ୍ରତିହାରୀ, ଶ୍ୟାମ ସୁନ୍ଦର ମହାପାତ୍ର, ବାସୁଦେବ ତିଆଡ଼ି, ସୁରେନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ଦୋଳମଣ୍ଡପ ସାହି ଓ ବାଲିସାହି ଜାଗା ଆଖଡ଼ାର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇ ସାହି ପକ୍ଷରୁ ପାରମ୍ପରିକ ସାହିଯାତ ପରିବେଷଣ କରାଯାଇଥିଲା। ନବପ୍ରତିଭାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସାହିର ମୁଖ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

